୬ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେବେ ଆନ୍ଦ୍ରେ ରସେଲ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୭୦ ● ୧୮ ଜୁଲାଇ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-170 ●18th July 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# କଂଗ୍ରେସର ଓଡ଼ିଶା ବନ୍ଦ : ଜନଜୀବନ ପ୍ରଭାବିତ






**ଭୁବନେଶ୍ୱର, ୧୭/୦୭**
**ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ କଂଗ୍ରେସ ସମେତ ୮ଟି ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ପାଳନ କରାଯାଇଛି। କେବଳ ଜରୁରୀକାଳୀନ ସେବା ବିଶେଷ କରି ଡାକ୍ତର ଖାନା, ରୋଗୀ ସେବା, ଔଷଧ ଦୋକାନକୁ ବାଦ୍ ଦେଇ ଅନ୍ୟାନ୍ୟ ସବୁ କ୍ଷେତ୍ରରେ ବନ୍ଦ ପାଳନ କରାଯାଇଥିବା ବେଳେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚକ, ଅଖ ବନ୍ଦ ରହିଥିଲା। ଏପରିକି ସହରର ପ୍ରମୁଖ ରାସ୍ତାରେ ଜାନବାହାନ ଚଳାଚଳ ବନ୍ଦ ରହିବା ସହ ଦୋକାନ ବଜାର ବ୍ୟବସାୟ ପ୍ରତିଷ୍ଠାନ ଓ ପେଟ୍ରୋଲ ଟାଙ୍କି ଗୁଡିକ ମଧ ବନ୍ଦ ରହିଥିଲା। ଜରୁରୀକାଳୀନ ସେବା ଯେଭଳି ପ୍ରଭାବିତ ନ ହେବ, ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବନ୍ଦ ଯୋଗୁଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ସବୁ ସହରାଞ୍ଚଳରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା।

ବନ୍ଦ ପାଳନ ଯୋଗୁଁ ରାଜ୍ୟରେ ସଡ଼କ ଓ ରେଳ ଯାତାୟାତ ସଂପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ଜିଲ୍ଲାରେ ବିଦ୍ୟାଳୟ, କଲେଜ ଓ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକୁ ବନ୍ଦ ରହିଥିଲା। କଂଗ୍ରେସ୍ କାର୍ଯ୍ୟକର୍ତ୍ତା ଓ ସହଯୋଗୀ ଦଳର ସଦସ୍ୟମାନେ ପ୍ରମୁଖ ଛକ ଓ ସଡ଼କରେ ବିକ୍ଷୋଭ ଓ ଧାରଣା–ପ୍ରଦର୍ଶନ କରିବା ସାଙ୍ଗକୁ ପିକେଟିଂ କରିଥିଲେ। ସେମାନେ କେତେକ ସ୍ଥାନରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଯାହାଫଳରେ ଅନେକ ସ୍ଥାନରେ ଯାତାୟାତ ଠପ୍ ହୋଇପଡିଥିଲା ଏବଂ ଗାଡ଼ି ଚଳାଚଳ ପ୍ରାୟ ବନ୍ଦ ହୋଇଯାଇଥିଲା। ଭୁବନେଶ୍ୱର, କଟକ, ବାଲେଶ୍ୱର ଓ ସମ୍ବଲପୁର, ବ୍ରହ୍ମପୁର ଆଦି ବିଭିନ୍ନ ସହରରେ ବିକ୍ଷୋଭକାରୀମାନେ ରେଳ ଧାରଣା ଉପରେ ମଧ ଅବରୋଧ କରିଥିଲେ, ଯାହା ଫଳରେ ଅନେକ ଯାତ୍ରୀ ଓ ଏକ୍ସପ୍ରେସ୍ ଟ୍ରେନ୍‌ର ଗତିବିଧି ପ୍ରଭାବିତ ହୋଇଥିଲା। 'ରେଳ ରୋକୋ' ଆନ୍ଦୋଳନ ଦ୍ୱାରା ହଜାର ହଜାର *(ପୃଷ୍ଠା ୭ରେ)*

## ଓଡ଼ିଶାର ଶାସନ ବ୍ୟବସ୍ଥାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

# ସୁଶାସନ ପାଇଁ ବ୍ୟବହାର ହେବ ଏଆଇ ଟେକ୍ନୋଲୋଜି



**ଭୁବନେଶ୍ୱର, ୧୭।୭**
**ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନରେ ଦୁଇ ଦିନିଆ ଜାତୀୟ ସୁଶାସନ କର୍ମଶାଳା ଗୁରୁବାର ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ଓ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ବିପର୍ଯ୍ୟୟ ପ୍ରବଣ ରାଜ୍ୟରୁ ବାହାରି ଓଡିଶା ଏବେ ପ୍ରଗତିଶୀଳ ହୋଇଛି। ସୁଶାସନ ପ୍ରତ୍ୟେକ ଲୋକର ଅଧିକାର, ଆଉ ତାହା ଅଧିକାରୀଙ୍କ କର୍ତ୍ତବ୍ୟ। ଓଡ଼ିଶା ଶାସନ ଏବେ ପେପର ଲେସ ହୋଇଛି। ଆଗକୁ ଲୋକଙ୍କୁ ଶୁଶାସନ ଯୋଗାଇ ଦେବାକୁ ଏଆଇ ଟେକ୍ନୋଲୋଜିର ବ୍ୟବହାର ମଧ କରାଯିବ। ବିଧାନସଭାରେ ଚଳିତ ବଜେଟ ମଧ ପେପର ଲେସ ହୋଇଥିଲା। ସରକାରୀ କାମ ତ୍ୱରାନ୍ୱିତ ପାଇଁ ଡିଜିଟାଲ ପ୍ଲାଟଫର୍ମ କରାଯାଉଛି। ଓଡ଼ିଶା ସଚିବାଳୟ କାର୍ଯ୍ୟପ୍ରବାହ ସ୍ୱୟଂଚାଳିତ ବ୍ୟବସ୍ଥା ଏବଂ ଅଭିନବ 'ୱାର୍କ ପାସବୁକ୍' ଭଳି ପ୍ରମୁଖ ପଦକ୍ଷେପଗୁଡ଼ିକୁ ସ୍ୱଚ୍ଛତା, ଦକ୍ଷତାର ମଡେଲ ଭାବରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ମୌଳିକ ସେବା ଅନଲାଇନରେ ଯୋଗାଇ ଦିଆଯାଉଛି। ଲୋକଙ୍କ ଅଭିଯୋଗ ଶୁଣାଣି ଏବଂ ସମାଧାନ କରାଯାଇଛି। ଆମ ସରକାରରେ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ଆମେ କର୍ମଯୋଗୀ ବୋଲି ଅବସ୍ଥାପିତ କରିଛୁ। ବ୍ୟୁରୋକ୍ରାସୀ ଦାୟିତ୍ୱବାନ ଅଛି। ନାଗରିକ କୈନ୍ଦ୍ରିକ ଭାବେ ଆମ ସରକାର କାମ କରୁଛି। ଓଡ଼ିଶାରେ ଏଭଳି ଏକ କର୍ମଶାଳା ଆୟୋଜନରୁ ସୁଯୋଗ ଦେଇଥିବାରୁ କେନ୍ଦ୍ର ମନ୍ତ୍ରୀ ଏବଂ କେନ୍ଦ୍ର ସରକାରକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଶାସନ ସଂସ୍କାରରେ ଆଞ୍ଚଳିକ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ତମ ଶାସନ ଅର୍ଥ ହେଉଛି ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବା ବୋଲି ସେ କହିଥିଲେ। ଉଦଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ର *(ପୃଷ୍ଠା ୭ରେ)*

## ଆତଙ୍କବାଦୀଙ୍କୁ ବାରମ୍ବାର ଶିକ୍ଷା ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

**ଜୟପୁର, ୧୭/୦୭**

କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ କଂଗ୍ରେସ୍‌ର ଶାସନକାଳରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତଙ୍କବାଦୀମାନଙ୍କୁ ବାରମ୍ବାର ଶିକ୍ଷା ଦେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ 'ଅପରେସନ୍ ସିନ୍ଦୂର' ଅନ୍ତର୍ଗତ ପାକିସ୍ତାନରେ ପ୍ରବେଶ କରି ଆତଙ୍କବାଦୀଙ୍କ ଠିକଣାଗୁଡିକୁ ଧ୍ୱଂସ କରାଯାଇଥିଲା। ଏହା ପୂର୍ବରୁ ଉରି ଓ ପୁଲୱାମା ଆକ୍ରମଣର ମଧ ମୁହଁତୋଡ଼ ଜବାବ ଦିଆଯାଇଥିଲା। ଗୁରୁବାର ଅମିତ ଶାହା ରାଜସ୍ଥାନର ଜୟପୁର ଜିଲ୍ଲାର ଦାଦିଆ ଗ୍ରାମରେ ଆନ୍ତର୍ଜାତୀୟ ସହକାରିତା ବର୍ଷ ୨୦୨୫ ଉପଲକ୍ଷେ ଆୟୋଜିତ 'ସହକାର ଏବଂ ନିଯୁକ୍ତି ଉତ୍ସବ'କୁ ସମ୍ବୋଧିତ କରିବା ଅବସରରେ ୮୦୦୦ ଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ରାଜସ୍ଥାନ ପେପର୍ ଲିକ୍ ଘଟଣାରେ ତ୍ରସ୍ତ ଥିଲା, କିନ୍ତୁ ଭଜନଲାଲ୍ ସରକାର ଏସଆଇଟି ଗଠନ କରି ମାଫିଆଙ୍କୁ କଡା ସନ୍ଦେଶ ଦେଇଛନ୍ତି। ଶାହା ଏହି କାର୍ଯ୍ୟକ୍ରମରେ ବିଶ୍ୱର ବୃହତ ଅନ୍ନ ଭଣ୍ଡାରଣ ଯୋଜନା ଅନ୍ତର୍ଗତ ନିର୍ମିତ ୨୪ଟି *(ପୃଷ୍ଠା ୭ରେ)*

## ଛାତ୍ରୀ, ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ଜାରି



**ଭୁବନେଶ୍ୱର ୧୭/୦୭**
**ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାର ବିଦ୍ୟାଳୟର ଛାତ୍ରୀ ଓ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ସଚେତନ ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ୍ ପକ୍ଷରୁ ସମସ୍ତ ପିଲାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଗଠନ କରିବା ଏବଂ ବିଶେଷ କରି ଅଧ୍ୟୟନରତ ଛାତ୍ରୀଙ୍କୁ ଶାରୀରିକ, ମାନସିକ ଆଦି ନିର୍ଯାତନାରୁ ରକ୍ଷା କରିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି *(ପୃଷ୍ଠା ୭ରେ)*

## ଭୁବନେଶ୍ୱରକୁ ମିଳିଲା ୯ମ ସ୍ୱଚ୍ଛ ସହର ପୁରସ୍କାର

# ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ଗ୍ରହଣ କଲେ ନଗର ଉନ୍ନୟନ ମନ୍ତ୍ରୀ



**ନୂଆଦିଲ୍ଲୀ, ୧୭/୦୭**

ଦେଶର ସ୍ୱଚ୍ଛ ସହରଗୁଡ଼ିକର ତାଲିକା ପ୍ରକାଶ ପାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪–୨୫ ପୁରସ୍କାର ପ୍ରଦାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁଙ୍କ ଉପସ୍ଥିତିରେ ୨୩ଟି ସୁପର ସ୍ୱଚ୍ଛ ଲିଗ୍ ସହରକୁ ପୁରସ୍କାର ଦିଆଯାଇଛି। *(ପୃଷ୍ଠା ୭ରେ)*

# ବିରୋଧୀ ଡାହାଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି : ଅପରାଜିତା

**ଭୁବନେଶ୍ୱର, ୧୭/୦୭**
**ନ୍ୟୁଜ ବ୍ୟୁରେ**

ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ, ଯାହା ଆମ ସମସ୍ତଙ୍କୁ ବ୍ୟଥିତ କରିଛି। ହେଲେ ବିରୋଧୀ ଦଳ ଉଭୟ କଂଗ୍ରେସ ଓ ବିଜେଡି ଏହାକୁ ନେଇ ଯେଉଁ ଆନ୍ଦୋଳନ ଚଳାଇଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଗୁରୁବାର ଶ୍ରୀମତୀ ଷଡଙ୍ଗୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଆନ୍ଦୋଳନ କରିବା ପାଇଁ ସେମାନଙ୍କର ସଂପୂର୍ଣ୍ଣ ଅଧିକାର ରହିଛି, ମାତ୍ର ଅସହିଷ୍ଣୁ ହୋଇ ହୀନ ରାଜନୀତି କରି ଅଗଣତାନ୍ତ୍ରିକ ଉପାୟରେ ବାତାବରଣ ନଷ୍ଟ କରିବା ଅନୁଚିତ୍। ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପୂର୍ବରୁ ନିଜ ଶାସନ କାଳର କାର୍ଯ୍ୟକଳାପକୁ ଉଭୟ ବିଜେଡି ଓ କଂଗ୍ରେସ ଦଳ ଆତ୍ମସମୀକ୍ଷା କରିବାର ଉଚିତ୍ ଥିଲା। ନିଜ ନିଜ ଶାସନ କାଳରେ କଂଗ୍ରେସ ଦଳ ୪୦ ବର୍ଷ ଏବଂ ବିଜେଡି ୨୪ ବର୍ଷ ଧରି ରାଜ୍ୟରେ ମହିଳା ସୁରକ୍ଷା ଓ ସଶକ୍ତିକରଣ ପାଇଁ କାର୍ଯ୍ୟ କରିଥିଲେ, ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ଶ୍ରୀମତୀ ଷଡଙ୍ଗୀ ଆକ୍ଷେପ କରିଥିଲେ। ନିଜ ଇତିହାସକୁ ଭୁଲି ଯାଇ ଉଭୟ ଦଳ ଦୋଷାରୋପଣ ରାଜନୀତି କରୁଛନ୍ତି ବୋଲି ସେ କହିଛନ୍ତି। *(ପୃଷ୍ଠା ୭ରେ)*

# ଏଫଏମ୍ କଲେଜ ଛାତ୍ରୀ ମୃତ୍ୟୁ ମାମଲା: ଆଜି ବାଲେଶ୍ୱର ଯିବ ଉଚ୍ଚଶିକ୍ଷା ବିଭାଗର ଟିମ୍

**ଭୁବନେଶ୍ୱର, ୧୭/୭**
**ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। କ୍ରାଇମ ବ୍ରାଞ୍ଚ ଟିମ୍ ଗୁରୁବାର କଲେଜ ପରିସରରେ ପହଞ୍ଚି ଘଟଣା ସ୍ଥଳ ପରିଦର୍ଶନ କରିବା ସହ କିଛି କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ *(ପୃଷ୍ଠା ୭ରେ)*

## ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧିଙ୍କୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା



**ଭୁବନେଶ୍ୱର, ୧୭/୦୭**
**ନ୍ୟୁଜ ବ୍ୟୁରୋ**

ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ କାର୍ଯ୍ୟଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ସେମାନଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡ ମେମ୍ବରଙ୍କଠୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବେ। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ, ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ ନଷ୍ଟ ହେଲେ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଯଦି ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ ନଷ୍ଟ ହୁଏ ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ।

ସାମ୍ବିଧାନିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧିମାନେ ହେଉଛନ୍ତି ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି। ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡିହୋଇ ରହିଥାନ୍ତି। ଲୋକଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହାୟତା କରନ୍ତି। ଗ୍ରାମାଞ୍ଚଳ ବିକାଶରେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଥାଏ। କିନ୍ତୁ ସେମାନଙ୍କ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।




31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଜୁଲାଇ ୨୦୨୫ ଶୁକ୍ରବାର





# ଫୁଲୁଛି ବୈତରଣୀ:ତଳିଆ ଲୋକେ ଆତଙ୍କିତ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବୈତରଣୀ ନଦୀ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ନଦୀ ଯାହା କେନ୍ଦୁଝର, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲା ମାଧ୍ୟମରେ ପ୍ରବାହିତ ହୁଏ। ବର୍ଷା ଋତୁରେ ଉପରମୁଣ୍ଡ ଅଞ୍ଚଳରେ ଅତିରିକ୍ତ ବର୍ଷା ହେବା ଫଳରେ ଏହି ନଦୀର ଜଳସ୍ତର ବୃଦ୍ଧି ହୁଏ ଓ ବନ୍ୟା ପରିସ୍ଥିତି ସୃଷ୍ଟି କରେ। ୨୦୨୫ ଜୁଲାଇ ମାସରେ ଉପର ମୁଣ୍ଡରେ ହେଉଥିବା ଅତିବୃଷ୍ଟି ଓ ଲଘୁଚାପ ବର୍ଷା ପ୍ରଭାବରେ ବୈତରଣୀ ନଦୀର ଜଳସ୍ତର ଅସାଧାରଣ ଭାବରେ ବୃଦ୍ଧି ପାଇଛି। ଭଦ୍ରକ ଜିଲ୍ଲାର ଆଖୁଆପଦା ଆନିକଟ ନିକଟରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ଏବେ ଏହି ଜଳସ୍ତର ୧୮.୬ ମିଟରକୁ ଉଠିଛି। ଏହି ବୃଦ୍ଧି ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କାକୁ ଜନ୍ମ ଦେଇଛି। ତଳ ନଈ କୂଳିଆ ଗାଁ ଯଥା ହସନାବାଦ, ଅର୍ଜୁନପୁର, ନଦି ଗାଁ, ଧୁଷୁରି, ପାଳସାହି, ରହି ପୁର୍ତ୍ତ ଭଟ ସାହି ପ୍ରମୁଖ ପଞ୍ଚାୟତ ବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାର ମାନଙ୍କୁ ତୀବ୍ର ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ଭାଙ୍ଗିବା ଆଶଙ୍କା ରହିଥିବାରୁ ବାଉଁଶ ଓ ବାଲିବସ୍ତା ଦ୍ୱାରା ରାସ୍ତା ସୁରକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖାଯାଇଛି ଓ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ଚାଲିଛି। ବୈତରଣୀ ନଦୀର ବନ୍ୟା ଜଳ ଚାଷୀମାନଙ୍କ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ଶତାଧିକ ଏକର ଧାନ ଜମି ବୁଡ଼ିଯାଇଛି। ଏହି ବନ୍ୟା ଚାଷୀମାନଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିପାରେ। ଏସ୍‌ଡିଓ କିଶୋର ଦାସଙ୍କ କହିବା ଅନୁଯାୟୀ ବୈତରଣୀର ଜଳସ୍ତର ଉପର ମୁଣ୍ଡରେ କିଛି କମିବାରେ ଲାଗିଛି ମାତ୍ର ତଳିଆ ଅଞ୍ଚଳରେ ଏବେବି ବୈତରଣୀର ଜଳସ୍ତର ଅଧିକ ରହିଛି। ଆଗାମୀ ଦିନରେ ଲଗାଣ ବର୍ଷା ହେଲେ ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଟାଳି ଦିଆଯାଇ ନପାରେ। ଯଦି ଉପରମୁଣ୍ଡରେ ଅଧିକ ବର୍ଷା ହେବା ଜାରି ରହିଥାଏ, ତେବେ ବୈତରଣୀ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇପାରେ। ଏହା ତଳିଆ ଅଞ୍ଚଳରେ ଜଳମଗ୍ନତା, ରୋଗ ବ୍ୟାପନ ଓ ଜନସ୍ଥାନାନ୍ତର ଅବସ୍ଥାକୁ ଉଦ୍ଭବ କରିପାରେ। ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଏକ ପ୍ରାକୃତିକ ଘଟଣା ହେଲେ ମଧ୍ୟ, ଏହାର ପ୍ରଭାବ ମାନବ ଜୀବନ ଓ ଆର୍ଥିକତା ଉପରେ ଗଭୀର ଭାବେ ପଡ଼ିଛି।

# କେଲୁଆରେ ବନ୍ୟା:ବରୁଆଁ–କୃଷ୍ଣଦାସପୁର ମୁଖ୍ୟ ରାସ୍ତା ବିଚ୍ଛିନ୍ନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବ୍ରାହ୍ମଣୀର ଶାଖା କେଲୁଅ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଅନେକ ସ୍ଥାନ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ରମାପୁର ନିକଟରେ କଲଭର୍ଟରେ ବନ୍ୟା ଜଳ ପ୍ରବେଶ ଫଳରେ ବରୁଆଁ–କୃଷ୍ଣଦାସପୁର ମୁଖ୍ୟ ରାସ୍ତା ଉପରେ ୪ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଉଭୟ ପକ୍ଷରୁ ଗାଡି ଚଳାଚଳ ବ୍ୟାହତ ହୋଇଛି। ଫଳରେ ଯାତାୟାତ କରୁଥିବା ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ତାହା ସହିତ ଅନେକ ଘର ଚର୍ତୁପାର୍ଶ୍ୱରେ ବନ୍ୟାଜଳ ଘେରିରହିବା ସହ ଶହଶହ ଏକର ପନିପରିବା ଓ ଧାନ ଗଛ ଉପରେ ବନ୍ୟାଜଳ ମାଡି ଯାଇଛି। ରାଜ୍ୟରେ ଲଗାଣ ବର୍ଷା ହେବା ଫଳରେ ଅନେକ ସ୍ଥାନ ଜଳମଗ୍ନ ହୋଇଥିବା ବେଳେ ଏହାର ପ୍ରଭାବରେ ଅନେକ ସ୍ଥାନମାନଙ୍କରେ ମୁଖ୍ୟ ରାସ୍ତା ଧୋଇହୋଇ ଖାଲଖମା ହୋଇଥିବା ବେଳେ ଅନେକ ସେତୁ ଆପ୍ରୋଚ ରୋଡ ଧସି ଯାଇଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲାରେ। ବରୁଆଁ–କୃଷ୍ଣଦାସପୁରକୁ ସଂଯୋଗ କରୁଥିବା କେଲୁଅ ନଦୀ ଉପରେ ନିର୍ମିତ ହୋଇଥିବା ବିଜୁ ସେତୁ କ୍ଷେତ୍ରରେ। ଧର୍ମଶାଳା ବ୍ଲକ ନାଳକୂଳ-ଭଗବାନପୁର ନିକଟରେ ଏହି ବିଜୁ ସେତୁର ନାଳକୂଳ ନିକଟରେ ମାଟି ସହ ପିଚୁ ରାସ୍ତା ଧସି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ସେତୁର ପ୍ରଥମ ଖୁଣ୍ଟ ଉପରେ ଏହାର ପ୍ରବାହ ପଡିବା ସ୍ଥାନୀୟ ଲୋକେ ଅନୁମାନ କରିଛନ୍ତି। ଏଠାରେ ୨ଟି ସ୍ଥାନରେ ବଡବଡ ଗର୍ତ୍ତ ହେବା ସହ ରାସ୍ତା ଧୋଇଯିବା ଫଳରେ ଗାଡି ମଟର ଚଳାଚଳ କରୁଥିବା ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେବା ଯଥେଷ୍ଟ ସମ୍ଭାବନା ରହିଛି। ସ୍ଥାନୀୟ ଲୋକେ ଏହାକୁ ଦେଖି ଉକ୍ତ ସ୍ଥାନରେ ଗଛ ଡାଳ ପକାଇଦେଇଥିବା ଦେଖିବାକୁ ମିଳିଛି। ତୁରନ୍ତ ପୂର୍ତ୍ତ ବିଭାଗ ଏହି ଆପ୍ରୋଚ ରୋଡର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା:ପ୍ରେମିକ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବିବାହର ପ୍ରତିଶ୍ରୁତି ଦେଇ ଯୁବତୀ ଜଣଙ୍କୁ ଗର୍ଭବତୀ କରିଥିବା ଘଟଣାରେ ମହିଳା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିବାନୁଯାୟୀ, ମାଲକାନଗିରି ଜିଲ୍ଲା କାମରାଗୁଡା ଅଞ୍ଚଳର ଝିନୁ ଖିଲ ହାନାଗୁଡା ଅଞ୍ଚଳର ଜଣେ ଯୁବତୀ ସହ ପ୍ରେମ କରିଥିଲେ। ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ପରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଯୁବତୀ ଜଣକ ବିବାହ କରିବା ପାଇଁ ଝିନୁକୁ ବାଧ କରିବାରୁ ଝିନୁ ଫେରାର୍ ହୋଇଯାଇଥିଲା। ଏନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ମହିଳା ପୋଲିସ ଅଭିଯୁକ୍ତ ଝିନୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ମହିଳା ଥାନା ଅଧିକାରୀ ଅର୍ଣ୍ଣିତା ଖାଲକୋ ସୂଚନା ଦେଇଛନ୍ତି।

# ଜୟପୁର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ହେବ ଅନାସ୍ଥା ପ୍ରସ୍ତାବ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପାଇଁ ୧୯ଜଣ ସମିତିସଭ୍ୟ ଓ ୧୦ ଜଣ ସରପଞ୍ଚ ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ତିଳୋତମା ନିୟମିତ ଭାବେ ବ୍ଲକ କାର୍ଯ୍ୟାଳୟକୁ ଆସୁନାହାନ୍ତି କିମ୍ବା ନିୟମିତ ଭାବେ ସମିତି ବୈଠକ ଆୟୋଜନ କରୁନାହାନ୍ତି। ଏପରିକି ବିଭିନ୍ନ ସମୟରେ ସମିତି ସଭ୍ୟ ସଭ୍ୟାଙ୍କ ପ୍ରସ୍ତାବକୁ ଲିପିବଦ୍ଧ କରୁନାହାନ୍ତି। ସରକାରୀ ଯୋଜନା ପାଇଁ ଆସୁଥିବା ଅର୍ଥର ଅପବ୍ୟବହାର ଏବଂ ଠିକା କାର୍ଯ୍ୟକୁ ତାଙ୍କ ନିଜ ଲୋକଙ୍କ ମାଧ୍ୟମରେ କରି ଅର୍ଥ ଆତ୍ମସାତ କରୁଥିବା ସମିତି ସଭ୍ୟସଭ୍ୟାମାନେ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ସମିତି ସଭ୍ୟସଭ୍ୟା ମାନଙ୍କୁ ଦୁର୍ବ୍ୟବହାର କରୁଥିବା ସମ ସେ ନିଜେ ଅଧ୍ୟକ୍ଷ ଭଳି କାର୍ଯ୍ୟ କରୁଥିବା ଅଭିଯୋଗ କରୁଛନ୍ତି। ଅଧ୍ୟକ୍ଷାଙ୍କ କାର୍ଯ୍ୟକାଳ ତୃତୀୟ ବର୍ଷ ଚାଲିଛି କିନ୍ତୁ ଗାଇଡ୍ ଲାଇନ୍ ହିସାବରେ କୌଣସି କମିଟି ତିଆରି କରାଯାଇନାହିଁ। ବିଭିନ୍ନ ସ୍ଥାନରେ କାର୍ଯ୍ୟର ମାନ ନିମ୍ନମାନର ହେଉଛି ତାହାର ତଦାରଖ ମଧ୍ୟ କରାଯାଉନାହିଁ। ସରକାର ଦେଉଥିବା ଅର୍ଥରାଶିକୁ ଠିକ୍ ରୂପେ ଗ୍ରାମ ଗୁଡିକରେ ବିନିଯୋଗ କରାଯାଇପାରୁନାହିଁ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଉପାଧ୍ୟକ୍ଷ ଗଣେଶ ପ୍ରସାଦ ପାଢୀ ସମେତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।



# ମନ୍ଥର ଗତିରେ ଚାଲିଛି ଜାତୀୟ ରାଜପଥ କାମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ମାପ ଚୁପ ବିଳମ୍ବରୁ ମନ୍ଥର ଗତିରେ ଚାଲିଥିବା ଜଣାପଡିଛି। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ (ରାଜସ୍ୱ) ଜାଣିବା ପରେ ଛଘରିଆ, ହଜାରି, ଶିଳିପୁର ପ୍ରଭୃତି ସ୍ଥାନରେ ମାପ ଚୁପରେ ବିଳମ୍ବ ହେତୁ ପ୍ରଶସ୍ତିକରଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବାରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲିକ ତୁରନ୍ତ ମାପଚୁପ କରାଇବା ପାଇଁ ଜିଲ୍ଲା କାର୍ଯ୍ୟାଳୟରେ ଅମିନଙ୍କୁ ତୁରନ୍ତ ମାର୍ଶାଘାଇ ତହସିଲ ଅଞ୍ଚଳର ଶିଳିପୁର, ହଜାରି ପ୍ରଭୃତି ଅଞ୍ଚଳରେ ମାପଚୁପ କରାଇ ଜାତୀୟ ରାଜପଥ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସ୍ଥାନରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ମାପଚୁପ ନ ହେବାରୁ ପ୍ରଶସ୍ତିକରଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ସ୍ଥାନୀୟ ବ୍ୟକ୍ତି ବାଧ କରୁଛନ୍ତି। ଏନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲିକ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଜାତୀୟ ରାଜପଥର କନିଷ୍ଠ ଯନ୍ତ୍ରୀ ଜ୍ଞାନରଂଜନ ମହାନ୍ତି ଏବଂ ଠିକାଦାର ସୋନୀ ରାଠୋର ପ୍ରମୁଖଙ୍କୁ ଡକାଇ ମାପଚୁପ ସମୟରେ ଉପସ୍ଥିତ ରହି ପ୍ରଶସ୍ତିକରଣ କାର୍ଯ୍ୟକୁ ଆଗେଇ ନେବାକୁ ଆଲୋଚନା କରିଥିଲେ। ତେବେ କେତେକ ସ୍ଥାନରେ ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁଥିବାରୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇନପାରିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ତୁରନ୍ତ ସେଗୁଡିକୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ ଆରମ୍ଭ ହେଲା 'ଅରଫାନ ସର୍ଭେ'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି ଅରଫାନ ସର୍ଭେ - ୨୦୨୫। ଜୁଲାଇ ୧୧ ତାରିଖରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଜୁଲାଇ ମାସ ୨୧ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ପିତୃମାତୃହୀନ ଶିଶୁଙ୍କର ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି। ଏଥିରେ ଉଭୟ ପିତାମାତାଙ୍କୁ ହରାଇଥିବା ଶିଶୁ, ପିତାଙ୍କୁ ହରାଇ ମାତାଙ୍କ ସହିତ କିମ୍ବା ମାତାଙ୍କୁ ହରାଇ ୪୦%ରୁ ଅଧିକ ଭିନ୍ନକ୍ଷମ/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୧ ଜୁନ୍, ୨୦୨୫ ମସିହା ସୁଦ୍ଧା ଜନ୍ମରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏଥିରେ ଚିହ୍ନଟ କରାଯିବ। ଏହା ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଯତ୍ନ, ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଯଶୋଦା ଯୋଜନାରେ ପ୍ରତି ଚାରି ବର୍ଷରେ ଥରେ ସାରା ରାଜ୍ୟରେ ଏହି ସର୍ଭେ କରିବାର ବ୍ୟବସ୍ଥା ରହିଛି। ଉକ୍ତ ବ୍ୟବସ୍ଥାର ଅନୁପାଳନ ସ୍ୱରୂପ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜିଲ୍ଲାମାନଙ୍କ ପାଇଁ ଅରଫାନ ସର୍ଭେ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିପାଇଁ ରାଜ୍ୟସ୍ତରରେ ସ୍ୱତନ୍ତ୍ର ଫର୍ମ ପ୍ରସ୍ତୁତ ହେବା ସହିତ ଜିଲ୍ଲାସ୍ତରରେ ମାଷ୍ଟର ଟ୍ରେନ୍‌ର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରରେ ତାଲିମଦାତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ଏବଂ ଏହି ତାଲିମଦାତାମାନେ ଅଙ୍ଗନବାଡି କର୍ମୀଙ୍କୁ ସର୍ଭେ ସମ୍ବନ୍ଧୀୟ ତାଲିମ ଓ ସୂଚନା ପ୍ରଦାନ କରିଛନ୍ତି। ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ସଂଗୃହିତ ତଥ୍ୟକୁ ସୁପରଭାଇଜରଙ୍କ ଦ୍ୱାରା ତଦାରଖ ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଜରିଆରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଶିଶୁର ତଥ୍ୟକୁ 'ଆମରି ଶିଶୁ' ପୋର୍ଟାଲରେ ଦାଖଲ କରାଯିବ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏହି ତଥ୍ୟକୁ ସମ୍ମିଳିତ କରି ସବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବେ। ସୂଚନାଯୋଗ୍ୟ, ଶିଶୁଙ୍କର ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ଅଂଶଗ୍ରହଣ କରିବାର ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁର ଚିହ୍ନଟ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆବଶ୍ୟକତା ଅନୁସାରେ ଯୋଜନା ଓ ନୀତି ପ୍ରଣୟନ ତଥା ସଂଶୋଧନ ଏବଂ ଶିଶୁ କଲ୍ୟାଣ କମିଟି ମାନଙ୍କ ଦ୍ୱାରା କ୍ୟାମ୍ପ ସିଟିଙ୍ଗ ମାଧ୍ୟମରେ ପରବର୍ତ୍ତୀ ପଦକ୍ଷେପ ପାଇଁ ସହାୟକ ହେବ। ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କୁ ଏଥିରେ ସହଯୋଗ ସହିତ, ଏହାକୁ ସଫଳ କରିବା ପାଇଁ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ନ୍ୟାୟ ପାଇଁ ନୂତନ ପଥ:ବିଶେଷ ମଧ୍ୟସ୍ଥତା ଅଭିଯାନ ଆରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମାମଲା ସମାଧାନ ପାଇଁ ବିଶେଷ ମଧ୍ୟସ୍ଥତା ଅଭିଯାନ ଜାତୀୟ ଆଇନ ସେବା ପ୍ରାଧିକରଣ ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଜୁଲାଇ ୧ ତାରିଖରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସାରା ଦେଶରେ ବିଶେଷ ମଧ୍ୟସ୍ଥତା ଅଭିଯାନ ଚାଲୁ ରହିବ। ସୁବର୍ଣ୍ଣପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମଧ୍ୟସ୍ଥତା କେନ୍ଦ୍ରରେ ମଧ୍ୟ ଏହି ମଧ୍ୟସ୍ଥତା ଅଭିଯାନ ଚାଲିବ। ବିବାଦୀୟ ପକ୍ଷଗୁଡ଼ିକ ଅଦାଲତରେ ମାମଲାର ବିଚାର ନକରି ଏକ ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗ୍ୟ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ବିବାଦର ସମାଧାନ ନିମନ୍ତେ ମଧ୍ୟସ୍ଥତା ଏକ ଅପୂର୍ବ ସୁଯୋଗ ଆଣିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତି ଠାରୁ ସନ୍ତୋଷଜନକ ଫଳ ଏହି ସମାଧାନ ପଦ୍ଧତି ମାଧ୍ୟମରେ ମିଳିଥାଏ, ଏହା ବ୍ୟତୀତ ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଖର୍ଚ୍ଚରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ମଧ୍ୟସ୍ଥତା ହେଉଛି ବିବାଦ ସମାଧାନ ତଥା ବିଚାର ଶୁଣାଣିର ଏକ ବିକଳ୍ପ ବ୍ୟବସ୍ଥା ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ପଞ୍ଚାୟତରେ ଜିପିଏଲ୍‌ଏଫ ଗୃହ ନିର୍ମାଣ କରୁଥିବା ଜନୈକ ଶ୍ରମିକ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିବା ଜଣାପଡିଛି। ସୂଚନା ଅନୁସାରେ ଗୋଛରା ଜିପିଏଲ୍‌ଏଫ୍ ଗୃହ ନିର୍ମାଣରେ ନିୟୋଜିତ ବଙ୍ଗାଳି ଶ୍ରମିକ ସେଠାରେ ପାଖରେ ଥିବା ଟୁଲୁ ମୋଟରର ସୁଇଚ୍ ଅନ୍ କରିବା ପାଇଁ ହାତ ମାରିଥିଲେ। ମାତ୍ର ହାତ ମାରିବା ମାତ୍ରେ ବିଦ୍ୟୁତ ଲାଗିବା ଯୋଗୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି। ତୁରନ୍ତ ତାଙ୍କୁ କୁଚିଣ୍ଡା ହସ୍ପିଟାଲ୍‌କୁ ଆଣି ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ଓ ମୃତକ ଜଣଙ୍କ ସାମଉନ ଶେଖ ବୟସ (୩୪), ଗାଁ ଶିକରପୁର ଜିଲ୍ଲା ମୁର୍ସିଦାବାଦ, ପଶ୍ଚିମବଙ୍ଗ ବୋଲି ଜଣାପଡିଛି।

# ସୋନପୁର କଲେଜକୁ ସରକାରୀ ମାନ୍ୟତା ଦାବି ଜୋର୍ ଧରିଲା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁରର ଏକ ମାତ୍ର ୬୨ ବର୍ଷ ସର୍ବ ପୁରାତନ ସୋନପୁର କଲେଜକୁ ସରକାରୀ ମାନ୍ୟତା ଦାବି ଜୋର୍ ଧରିଛି। ପୂର୍ବ ସରକାରରେ ବ୍ୟାପକ ରାଜନୈତିକ ଅବହେଳାର ଶିକାର ହୋଇଥିବା ସୋନପୁର କଲେଜର ଉନ୍ନତି ତଥା ସରକାରୀ ମାନ୍ୟତା ପାଇଁ ପୁରାତନ ଛାତ୍ର ସଂଘ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର୍ କରିଛି। ଦରକାର ହେଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଆଗକୁ ସଂଘ ପ୍ରସ୍ତୁତ ଅଛି। ଏନେଇ ସୋନପୁର କଲେଜର ପୁରାତନ ଛାତ୍ରଛାତ୍ରୀ ସଂଘର ସଭାପତି ପ୍ରଫୁଲ୍ଲ ରଥଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କୁ ସାକ୍ଷାତ କରି କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସୋନପୁର କଲେଜ କିପରି ସରକାରୀ ମାନ୍ୟତା ପାଇପାରିବ ସେ ଦିଗରେ ପୂର୍ଣ୍ଣ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ସାଂସଦ ଆସନ୍ତା ଆର୍ଥିକ ବର୍ଷରେ ଆର୍ଥିକ ପାଣ୍ଠି ଦେବା ସହ କଲେଜ ସରକାରୀ ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଉକ୍ତ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ଭାରତ ଭୁଷଣ ଦାଶ, ଯୁଗ୍ମ ସଂପାଦକ ବିଶ୍ୱବୀର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ରାମଶଙ୍କର ହୋତା, ପ୍ରୱୀନ ମହାପାତ୍ର, ରାଜକିଶୋର ତ୍ରିପାଠୀ, ଜ୍ୟୋତିର୍ମୟ ମିଶ୍ର ପ୍ରମୁଖ ସାମିଲ ଥିଲେ। ସେପଟେ ଜିଲ୍ଲାର ସରକାରୀ ଦଳର ବିଧାୟକ ଇଂ ରଘୁନାଥ ଜଗଦଲା ପୁରାତନ ଛାତ୍ରଛାତ୍ରୀ ସଂଘର ଦାବି ଯଥାର୍ଥ ଏବଂ ଏ ନେଇ ସେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା ହୋଇଥିବା ଏବଂ ପୂର୍ବ ସରକାର ସମୟରେ ଅବହେଳିତ ଅବସ୍ଥାରେ ଥିବା ରାଜ୍ୟର ଆଉ କିଛି ମହାବିଦ୍ୟାଳୟ ଏକା ସାଙ୍ଗରେ ସରକାରୀ ମାନ୍ୟତା ପାଇବା ନେଇ ସୂଚନା ଦେଇଥିଲେ।

# ଯୁବକଙ୍କୁ ସଂଘବଦ୍ଧ ହତ୍ୟା ମାମଲା:୨ ବର୍ଷ ପରେ ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସହରରେ ସଂଘବଦ୍ଧ ଭାବେ ଯୁବକଙ୍କୁ ହତ୍ୟା ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ୍ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ନବରଙ୍ଗପୁର ଜିଲ୍ଲା ଭେଜାପୁଟ ଗ୍ରାମର ଗୋବିନ୍ଦ ଏଲିୟସ ରୁଦ୍ର ହରିଜନ (୨୩)। ସୂଚନା ଅନୁଯାୟୀ, ଗତ ୨୭.୪.୨୩ ତାରିଖ ସନ୍ଧ୍ୟା ସମୟରେ ୬ରୁ ୭ ଜଣ ମାସ୍କ ପିନ୍ଧି ଯୁବକ ଅଟୋରେ ଆସି ଖଣ୍ଡା, କାତି ଧରି ଆକ୍ରମଣ କରିଥିଲେ। ମରାଣାନ୍ତକ ଆକ୍ରମଣ ହେବାଫଳରେ ଗୁରୁତର ହୋଇପଡିଥିଲେ ଅରୁଣ ଅନକା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଅରୁଣକୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଜୟପୁର ଟାଉନ୍ ପୋଲିସ ୧୨୩/୨୩ ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ୫ ଜଣ ଆଗରୁ ଗିରଫ ହୋଇଥିବା ବେଳେ ଅଭିଯୁକ୍ତ ଗୋବିନ୍ଦ ୨ ବର୍ଷ ହେବ ଫେରାର୍ ଥିଲା। ଗୋବିନ୍ଦକୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ବନ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନଅ ଦଫା ଦାବିନେଇ ବନସୁରକ୍ଷା କମିଟିର ସରକାରୀ କାର୍ଯ୍ୟାଳୟ ଘେରାଉ, ରାଇଘର ବ୍ଲକର ୪୯ଟି ବନସୁରକ୍ଷା କମିଟି ଜଗନ୍ନାଥ ନାୟକ (ଗୋନା) ସହଦେବ ଗଣ୍ଡ (କୁନ୍ଦ୍ରାପାଣି), ଶଙ୍କର ଗଣ୍ଡ (ନକତିସିମୋଡା ) ଜୁଗୁଡୁ ଗଣ୍ଡ, କୃଷ୍ଣଗଣ୍ଡ, କୁଞ୍ଜୀ ଗଣ୍ଡ, ସୁନ୍ଦର ଗଣ୍ଡ ଓ ସୋନାରାମ ଗଣ୍ଡଙ୍କ ନେତୃତ୍ୱରେ ତହସିଲ, ବନବିଭାଗ, ଥାନା ସହ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ଶହ ଶହ ପୁରୁଷ ଓ ମହିଳା ଏଥିରେ ଯୋଗଦେଇ ସେମାନଙ୍କ ଦାବିପତ୍ର ଦେଇଥିଲେ। ସେଥିମଧ୍ୟରୁ ମୁଖ୍ୟତଃ ବାହାର ଲୋକ ରାଜେଶ ଯାନୀ ରାଇଘରରେ ଗଣ୍ଡଗୋଳ କରୁଥିବାରୁ ତାକୁ ଗିରଫ କରିବା, ୨୦୦୫ ମସିହା ପରଠାରୁ ଯେଉଁ ଜଙ୍ଗଲ ଜମି ଅକ୍ତିଆର କରାଯାଇଛି ତାକୁ ଉଦ୍ଧାର କରି ବୃକ୍ଷ ରୋପଣ କରାଯିବା ସହ ତା ପୂର୍ବରୁ ଅଧିକାର ହୋଇଥିବା ଜଙ୍ଗଲ ଜମିର ପଟା ମିଳୁ। ଗତ ମାସ ୨୭ ତାରିଖରେ ହୋଇଥିବା ବନବିଭାଗ କର୍ମଚାରୀଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯାଉ ଭଳି ଦାବିମାନ କରିଥିଲା ବନ ସୁରକ୍ଷା କମିଟି। ଅନ୍ୟ ଦାବିମାନଙ୍କ ମଧ୍ୟରେ ରହିଛି ସରକାରଙ୍କ ଜଙ୍ଗଲ ଆଇନ୍‌କୁ କଡ଼ାକଡି କରିବା ସହ ଜଙ୍ଗଲ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା, ବିବାଦୀୟ VSS ବୀଟ ସହ ଫରେଷ୍ଟ ବିଟ ଏରିଆ ଚିହ୍ନଟ କରିବା, ଜଳ ଜଙ୍ଗଲ ଜମିର ସୁରକ୍ଷା କରିବା ଭଳି ଦାବି ରଖିଛନ୍ତି।

# ଜବରଦଖଲ ଯୋଗୁ ବ୍ରହ୍ମବରଦାରେ ଟ୍ରାଫିକ୍ ସମସ୍ୟା ସୁଧୁରୁନି



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଏକ ବ୍ୟବସାୟ ପ୍ରତିଷ୍ଠାନ ଭାବେ ବେଶ୍ ପରିଚିତ। ଜିଲ୍ଲାର କେନ୍ଦ୍ର ବିନ୍ଦୁ। ବରୁହାଁ ବାଲିଚନ୍ଦ୍ରପୁର ଏବଂ ଜାରକା–ବ୍ରହ୍ମବରଦାକୁ ସଂଯୋଗ କରୁଛି। ଏହି ଅଞ୍ଚଳକୁ ଦୈନଦିନ ଶହଶହ ଜନସାଧାରଣ ଓ ବ୍ୟବସାୟୀମାନେ ନିର୍ଭର କରନ୍ତି। ଏହା ସହିତ ବ୍ରହ୍ମବରଦାରେ ୧୦ରୁ ଉର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ୨ଟି ମହାବିଦ୍ୟାଳୟ, ୩ଟି ରାଷ୍ଟ୍ରାୟତ ବ୍ୟାଙ୍କ ଓ ୩ଗୋଟି ଘରୋଇ ଫାଇନାସ୍ କମ୍ପାନୀ ସହ ବହୁ ପ୍ରତିଷ୍ଠିତ ବ୍ୟବସାୟ କେନ୍ଦ୍ର ରହିଛି। ବ୍ୟାଙ୍କଛକ, ପୁରୁଣା ଫାଣ୍ଡିଛକ, ତାରିଣୀଛକ, ମଙ୍ଗଳା ମାର୍କେଟ୍ ଓ ଦୁର୍ଗାଛକ ସହ ମହେଶ୍ୱରପୁର ପଞ୍ଚାୟତର ଚାନ୍ଦପୁର ଓ ବମ୍ଭେଛକ ରହିଛି। ଏହି ସ୍ଥାନକୁ ସକାଳ ଓ ସନ୍ଧ୍ୟାରେ ନାହିଁନଥିବା ଭିଡ ଜମିଥାଏ। ଫଳରେ ସକାଳ ୯ଟାରୁ ୧୦ଟା ଓ ପୂର୍ବାହ୍ନ ୪ ବେଳେ ଭିଡ ଜମିବା ହେତୁ ସ୍କୁଲ୍ କଲେଜ୍‌ରୁ ଫେରୁଥିବା ଛାତ୍ରଛାତ୍ରୀମାନେ ଘଣ୍ଟା ଘଣ୍ଟା ଜାମ୍‌ରେ ଫଶି ରହୁଛନ୍ତି। ଅନ୍ୟପକ୍ଷରେ ବ୍ୟବସାୟୀମାନେ ନିଜ ନିଜ ପ୍ରତିଷ୍ଠାନ ଗୁଡିକୁ ମୁଖ୍ୟ ରାସ୍ତାକୁ ବଢାଇ ଦେଇଥିବା ବେଳେ ଆସୁଥିବା ଗ୍ରାହକମାନେ ଜିନିଷ କିଣାକିଣି ସମୟରେ ଗାଡିଗୁଡିକୁ ରାସ୍ତା ଉପରେ ରଖିବାକୁ ବାଧ ହେଉଛନ୍ତି। ସେପଟେ କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିରେ ଘର ଓ ଅସ୍ଥାୟୀ ଦୋକାନ ଗୃହ ନିର୍ମାଣ କରିଛନ୍ତି। ଫଳରେ ଯାତାୟାତ ସମୟରେ ମଧ୍ୟ ଆମ୍ବୁଲାନ୍ସ ଓ ବାଇକ୍‌ରେ ଯାଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହଉଛନ୍ତି। ସେପଟେ ଥାନାରେ ଆବଶ୍ୟକୀୟ କର୍ମଚାରୀ ଅଭାବରୁ ବିଭିନ୍ନ ଛକମାନଙ୍କରେ ପାଟ୍ରୋଲିଂ କରିବା ସମ୍ଭବ ହେଉନଥିବା ଜଣାପଡିଛି। ବେଆଇନ୍ ଜବର ଦଖଲକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ରଭାବେ ଏହି ଅଞ୍ଚଳ ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ନିକଟରେ ବ୍ରହ୍ମବରଦା ତାରିଣୀଛକ ଠାରୁ ମହେଶ୍ୱରପୁର ପଞ୍ଚାୟତ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡରେ ସରକାରୀ ଜମିକୁ ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ ହେବ ବୋଲି ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା ତାଙ୍କ ପତିକ୍ରୀୟାରେ କହିଛନ୍ତି।

# ଧାମରା ବସ୍‌ଷ୍ଟାଣ୍ଡରୁ ଖୋଲିଲା ତାଲା:୭ଦିନ ମଧ୍ୟରେ ସମାଧାନ ହେବ ବିବାଦ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମରା ବସ୍‌ଷ୍ଟାଣ୍ଡକୁ ନେଇ ଚାଲିଥିବା ବିବାଦର ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ବସ୍‌ଷ୍ଟାଣ୍ଡ ଫାଟକରୁ ତାଲା ଖୋଲାଗଲା। ଗତ ୧୪ ତାରିଖ ଦିନ ଧାମରା କଂଗ୍ରେସ ପକ୍ଷରୁ ଏହି ଗେଟ୍‌ରେ ତାଲା ପକାଯାଇଥିଲା। ଏହାର ଏକମାତ୍ର କାରଣ ବସ୍‌ଷ୍ଟାଣ୍ଡରେ ସ୍ଥାନୀୟ ନିଯୁକ୍ତି କେବଳ ଶାସକ ଦଳକୁ ମିଳୁଥିବା ବେଳେ କଂଗ୍ରେସ ଦଳକୁ କେବଳ ଆଶ୍ୱାସନାରେ ସନ୍ତୁଷ୍ଟ ହୋଇ ରହିବାକୁ ପଡିଥିଲା। ଏହି ବସ୍‌ଷ୍ଟାଣ୍ଡରେ ୨୭ ଜଣ ଅସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ ଜୁନ୍ ମାସରେ ୧୪ ଜଣ ଶାସକ ଦଳର ଲୋକଙ୍କୁ ନିଯୁକ୍ତି ମିଳିଥିଲା। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହେବା ପରେ ଭଦ୍ରକ ଜିଲ୍ଲାପାଳ କଂଗ୍ରେସ ଦଳର ନେତାମାନଙ୍କୁ ନିଶ୍ଚୟ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତି ମଧ୍ୟରେ ବାକିଥିବା ୧୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଏକ ଖବର ପ୍ରସାରିତ ହେବାପରେ କଂଗ୍ରେସ ଦଳର ନେତାମାନେ ଆସି ଏହି ଫାଟକରେ ତାଲା ପକାଇ ଦେଇଥିଲା। ଚାନ୍ଦବାଲି ତହସିଲଦାର ଭବତୋଷ ମଲିକ ଆସି ପ୍ରଥମେ କଂଗ୍ରେସ ଦଳର ନେତା ମାନଙ୍କୁ ଏହି ତାଲା ଖୋଲିବା ପାଇଁ କହିଥିଲେ ଏବଂ ୭ ଦିନ ମଧ୍ୟରେ ଏହାର ସୁସମାଧାନ ହେବ ଏବଂ ଭଦ୍ରକ ଜିଲ୍ଲାପାଳ ଏହା କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ତାଲା ଖୋଲାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ଗତ ଜୁନ୍ ୪ ତାରିଖରେ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କେବଳ ମୋ ବସ୍ ବ୍ୟତୀତ ଅନ୍ୟ କୌଣସି ବେସରକାରୀ ବସ୍ ଏହି ବସ୍ ଷ୍ଟାଣ୍ଡ ମଧ୍ୟକୁ ଆସୁନାହାନ୍ତି କିମ୍ବା କୌଣସି ରାଜସ୍ୱ ଆଦାୟ ହୋଇପାରୁନାହିଁ। ଫଳରେ ରାଜ୍ୟ ସରକାରଙ୍କ ସଡକ ପରିବହନ ବିଭାଗ ୨୩ ଜଣ ଅସ୍ଥାୟୀ କର୍ମଚାରୀଙ୍କ ଦରମା ଏବଂ ବସ୍‌ଷ୍ଟାଣ୍ଡ ରକ୍ଷଣା ବେକ୍ଷଣ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ଶ୍ରାଦ୍ଧ କରୁଥିବା ବେଳେ ରାଜସ୍ୱ ଆଦାୟ କରିବାରେ ବିଫଳ। ବସ୍‌ଷ୍ଟାଣ୍ଡଟି ସାଧାରଣ ଜନତାଙ୍କ କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଭଦ୍ରକ ଜିଲ୍ଲା ସଡକ ପରିବହନ ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବେନାହିଁ ବୋଲି କହିବା ସହ ସରକାର ଖୁବ୍‌ଶୀଘ୍ର ଏହାର ଆଶୁ ସମାଧାନ କରିବେ ବୋଲି କହିଥିଲେ।

# ବଜ୍ରପାତରେ ଦୁଇ ମହିଳାଙ୍କ ମୃତ୍ୟୁ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ବିଞ୍ଜବାହାଳ ଗ୍ରାମରେ ବଜ୍ରପାତରେ ଦୁଇଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ଉଭୟ ଶାଶୂ ବୋହୂ ଅପରାହ୍ନ ସାଢେ ଗୋଟାଏ ସମୟରେ ଗାଁ ମୁଣ୍ଡରେ ଥିବା ଭେଣ୍ଡିଆନାଳୀ ଠାରେ ନିଜ ଚାଷ ଜମିରେ କାମ କରୁଥିବା ବେଳେ ବଜ୍ରାଘାତ ହୋଇଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଗ୍ରାମର ଟେଂଟ ନାଏକଙ୍କ ସ୍ତ୍ରୀ ରୁକ୍ମିଣୀ ନାଏକ (୫୦) ଓ ବୋହୂ ଲବଣୀ ନାଏକ (୨୮) ବୋଲି ଜଣାପଡିଛି।

# ନାବାଳିକା ଦୁଷ୍କର୍ମ ମାମଲା:ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ମନୋରଞ୍ଜନ ଦାଶ ଏକ ୪ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର ସାକ୍ଷୀ, ଡାକ୍ତରୀ ରିପୋର୍ଟ ଆଧାରରେ ବିଚାର କରି ଶଙ୍କର ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୧୩ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ସରକାରଙ୍କ ତରଫରୁ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲାକୁ ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ଗତ ୨୦୨୪ ମସିହା ଫେବୃୟାରୀ ୧୯ ତାରିଖରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ରାଇକିଆ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ରାଇକିଆ ଥାନାଧିକାରୀ ଏକ ମାମଲା ୨୦/ ୨୦୨୪ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ସେହି ମାମଲାର ବିଚାରଣା କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ପୀଡ଼ିତାକୁ କ୍ଷତିପୂରଣ ବାବଦକୁ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ପାଦକୀୟ
31 YEARS
ସମ୍ବାଦ କାଳିକା

# ଓଡ଼ିଶାର ପ୍ରଗତି କ୍ଷେତ୍ରରେ ଶିକ୍ଷା

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପରର୍ଫମାନ୍ସ ଗ୍ରେଡିଂ ଇନଡେକ୍ସ ତାଲିକାରେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା । ମନ୍ତ୍ରଣାଳୟ ପକ୍ଷରୁ ପରର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସର ୨୦୨୩-୨୪ର ତାଲିକା ଜାରି ହୋଇଛି । ଶ୍ରେଷ୍ଠ ୫ ତାଲିକାରେ ଓଡ଼ିଶା ସମେତ ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ସ୍ଥାନ ପାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶା ୨୦୨୨-୨୩ ତୁଳନାରେ ୨୦୨୩- ୨୪ରେ ଦୁଇ ଗୁଣା ଉନ୍ନତି କରିଥିବା ରିପୋର୍ଟରେ ଦର୍ଶାଯାଇଛି । ୨୦୨୨-୨୩ର ପରର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ତାଲିକାରେ ଓଡ଼ିଶାର କୌଣସି ଜିଲ୍ଲା ଉତ୍ତମ-୩ ବର୍ଗରେ ନଥିଲା । ମାତ୍ର ୨୦୨୩- ୨୪ ତାଲିକାର ଉତ୍ତମ-୩ ବର୍ଗରେ ରାଜ୍ୟର କେବଳ ଝାରସୁଗୁଡ଼ା ଜିଲ୍ଲା ସ୍ଥାନ ପାଇଛି । ୬ ଶହ ନମ୍ବରରୁ ଝାରସୁଗୁଡ଼ା ୩୮୩ ସ୍କୋର କରିପାରିଛି । ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୨ ଜିଲ୍ଲା ପ୍ରଚେଷ୍ଟା-୧ ବର୍ଗରେ ଥିଲା । ୨୦୨୩-୨୪ ତାଲିକାରେ ଏହା ଦୁଇ ଗୁଣ ବୃଦ୍ଧି ପାଇ ୨୪ରେ ପହଞ୍ଚିଛି । ପ୍ରଚେଷ୍ଟା-୧ ବର୍ଗରେ ଖୋର୍ଦ୍ଧା, କଟକ, ନୂଆପଡ଼ା, ଜଗତସିଂହପୁର, ଅନୁଗୁଳ, କୋରାପୁଟ, ସୁନ୍ଦରଗଡ଼, ନୟାଗଡ଼, ଢେଙ୍କାନାଳ, ଗଞ୍ଜାମ, ସମ୍ବଲପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, ଭଦ୍ରକ, ସୋନପୁର, ବରଗଡ଼, ମାଲକାନଗିରି, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ଯାଜପୁର ଜିଲ୍ଲା ସ୍ଥାନ ପାଇଛି । ପ୍ରଚେଷ୍ଟା-୨ ବର୍ଗରେ ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୮ଟି ଜିଲ୍ଲା ରହିଥିଲା । ୨୦୨୩-୨୪ ବେଳକୁ ଏହି ତାଲିକାରେ କେବଳ ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ରହିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟଗୁଡ଼ିକର ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ଯାଞ୍ଚ କରି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପରର୍ଫମାନ୍ସ ଗ୍ରେଡିଂ ଇନଡେକ୍ସ ରିପୋର୍ଟ ପ୍ରକାଶ କରିଥାଏ । ଏଥିରେ ୬ ବର୍ଗର ୭୪ ସୂଚକାଙ୍କରେ ୬ଶହ ନମ୍ବରରୁ ମୂଲ୍ୟାୟନ କରାଯାଇଥାଏ । ଶିକ୍ଷକ ଉପଲବ୍ଧି ଓ ବୃତ୍ତିଗତ ଉନ୍ନତି, ଭିତ୍ତିଭୂମି, ସୁବିଧା ସୁଯୋଗ, ବିଦ୍ୟାଳୟରେ ନିରାପତ୍ତା ବ୍ୟବସ୍ଥା, ଛାତ୍ର ସୁରକ୍ଷା, ଡିଜିଟାଲ୍ ଶିକ୍ଷା, ଉପସ୍ଥାନ, ନେତୃତ୍ୱ ବିକାଶ ପ୍ରମୁଖ ସୂଚକାଙ୍କୁ ବିଚାରକୁ ନିଆଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨୯)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏତିକିମାତ୍ର ସେହି ବାଳକଟିକୁ ଆଶୀର୍ବାଦ କରି ଆଗକୁ ଚାଲିଲେ ବିଶର । ଯାତ୍ରା କରୁଛନ୍ତି ଅବିରାମ ଗତିରେ । ଯାତ୍ରା କଲାବେଳେ ବିଶର ଭାବୁଛନ୍ତି- ହେ ମହାପ୍ରଭୁ ! ମୋର ଏ ଯାତ୍ରାର କ'ଣ ପରିସମାପ୍ତି ନାହିଁ ? ବିଶରଙ୍କ ମନଭିତରୁ କେହି ଜଣେ ଗମ୍ଭୀର କଣ୍ଠରେ କହୁଛି ହେ ବିଶର ! ମଣିଷର ଜୀବନ ଯାତ୍ରା କେବେ ସମାପ୍ତ ହୁଏ ନାହିଁ । ସ୍ଥୂଳ ଜଗତରେ ମଣିଷର ଯାତ୍ରା ସମାପ୍ତ ହୁଏ ମୃତ୍ୟୁରେ, କିନ୍ତୁ ଏ ମୃତ୍ୟୁ କ'ଣ ବାସ୍ତବରେ ସମାପ୍ତର ବଳିଷ୍ଠ ସଙ୍କେତ ? ମନେ ରଖ ବିଶର ମଣିଷର ଯାତ୍ରାରେ ପରିସମାପ୍ତି ନାହିଁ । ଜୀବନର ଆତ୍ମା ହେଉଛି ପରମାତ୍ମାଙ୍କର ଅଂଶ ବିଶେଷ । ପରମାତ୍ମାଙ୍କ କେଉଁ ଠାରେ ବିନାଶ ହୁଏ ନାହିଁ କିମ୍ବା ସମାପ୍ତ ନାହିଁ । ତେଣୁ ମୃତ୍ୟୁରେ ଜୀବନ ଯାତ୍ରା ସମାପ୍ତ ହୁଏ ନାହିଁ । ଅଦୃଶ୍ୟ ଇଙ୍ଗିତରେ ଜୀବନ ଭୂପୃଷ୍ଠରେ ଜନ୍ମନିଏ, ବିଲିନ ହୁଏ ଏବଂ ଜନନୀ ଗର୍ଭରେ ସଂଚରଣ କରି ପୁଣି ପୃଥିବୀ ପୃଷ୍ଠକୁ ଚାଲିଆସେ ମୃତ୍ୟୁ ପଛରେ ଧାବିତ ହେବା ପାଇଁ । ଏହା ହେଉଛି ଜୀବନ ଚକ୍ର । ଏହି ପ୍ରକ୍ରିୟା ଚିରନ୍ତନ ସତ୍ୟ । ଯେଉଁଠି ଜୀବନ ଅଛି, ସେହିଠାରେ ବି ସଂଘର୍ଷ ଅଛି, ବିଦ୍ରୋହ ଅଛି, ଆଉ ଯେଉଁଠି ଜୀବନ ନାହିଁ, ସେଠାରେ ବିଦ୍ରୋହ ନାହିଁ କିମ୍ବା ସଂଘର୍ଷ ମଧ୍ୟ ନାହିଁ । ମଣିଷ ହେଉଛି ଏ ସଂସାରରେ ଏକମାତ୍ରା ପ୍ରାଣୀ ଯିଏକି ନିଜ ଅବସ୍ଥା ବିରୋଧରେ ବିଦ୍ରୋହ କରିପାରେ । ତେବେ ବିଶର ଯେଉଁ ମାର୍ଗରେ ଗତି କରୁଛନ୍ତି ତାକୁ କ'ଣ କୁହାଯିବ ? ସିଏତ ବଂଚିବା ପାଇଁ ଏ ଦୁଃସାହସର ଯାତ୍ରା କରୁନାହାଁନ୍ତି କିମ୍ବା ବିଦ୍ରୋହ ମଧ୍ୟ କରୁନାହାଁନ୍ତି, ତେବେ କ'ଣ ପାଇଁ ଏ ଦୁର୍ବିସହ ଯନ୍ତ୍ରଣା ? ଜାତି ପାଇଁ ନା କଳିଙ୍ଗର ସ୍ୱାଭିମାନ ପାଇଁ ? ଏ ସଂଗ୍ରାମ ହେଉଛି ଓଡ଼ିଶାର ସ୍ୱାଭିମାନ ପାଇଁ । ଓଡ଼ିଶାର ଇଷ୍ଟଦେବ ମହାବାହୁଙ୍କୁ ପୁନର୍ବାର ଶ୍ରୀମନ୍ଦିରର ରତ୍ନ ସିଂହାସନରେ ପ୍ରତିଷ୍ଠା କରିବା ପାଇଁ ଏ ଦୁର୍ବାର ସଂଘର୍ଷ । ଗୋଟାଏ ଅହିଂସାର ବିଦ୍ରୋହ । ଉତ୍କଳର ଜନତାଙ୍କ ଦେହରେ ପ୍ରାଣ ସଂଚର ପାଇଁ, ଗୋଟାଏ ନିରୀହ ନିଷ୍ପ୍ରାଣ ଜାତିର ହୃଦୟରେ ପ୍ରାଣ ସଂଚର କରିବା ପାଇଁ ଏ ଦୁର୍ବିସହ ସଂଗ୍ରାମ । ତେବେ ଏହାର ପରିସମାପ୍ତି କେଉଁଠି ? ଏହିପରି ଚିନ୍ତା କରି କରି କ୍ଷୀପ୍ର ଗତିରେ ଚାଲିଥାନ୍ତି ନିବିଡ ଅରଣ୍ୟ ମଧ୍ୟରେ । ଗାଇ ଜଗୁଆଳି ବାଳକଟି ମହାବୀର ବାଟିକାର ଯେଉଁ ସଙ୍କେତ ସବୁ ତାଙ୍କ ମାନସପଟ୍ଟରେ ଚିତ୍ରିତ କରିଥିଲା, ତାହା ଏବେ ଧୀରେ ଧୀରେ ବିଶର ମହାନ୍ତିଙ୍କର ଦୃଷ୍ଟିକୁ ଆସି ଯାଉଛି । ସେ ଦେଖୁଛନ୍ତି ଗୋଟିଏ ନଦୀ ଯାହାର ନାମ ଗାଇ ଜଗୁଅଳିଟି କହିଥିଲା ମାହାଙ୍ଗା । ସେହି ନଦୀକୂଳରେ ବିଶର ଦଣ୍ଡାୟମାନ ହେବା ପରେ ଜଣେ ନାଉରିଆ ପଚାରିଲା " ଗୋସେଇଁ ! କୁଆଡେ ଯିବେ ?" ବିଶର କହିଲେ " ବାବା ମୁଁ ଟିକିଏ ମହାବୀର ବାଟିକା ଯିବି" ନାଉରିଆଟି କହିଲା" ମୋ ଡଙ୍ଗାରେ ବସନ୍ତୁ, ଆର ପାରିକୁ ଆଣଙ୍କୁ ଛାଡିଦେବା ପରେ ଗୋଟିଏ ରାସ୍ତା ପଡିଛି । ସେହି ରାସ୍ତାରେ ଆପଣ ଯିବା ପରେ ଗୋଟିଏ ପ୍ରଶସ୍ତ ନଦୀ ପଡିବ । ସେହି ନଦୀ କୂଳ ନିବିଡ ଅରଣ୍ୟ ମଧ୍ୟରେ ରହିଛି ହନୁମାନ ବାଟିକା ।" ଡଙ୍ଗାରେ ବସିଲେ ବିଶର । ନାଉରିଆଟି ବିଶରଙ୍କୁ ନଦୀର ଅପର ପାର୍ଶ୍ୱରେ ଛାଡିଦେବା ପରେ ମହାବୀର ବାଟିକାକୁ ଯିବା ପାଇଁ ରାସ୍ତା ଦେଖାଇ ଦେଲା । ବିଶର ପଚାରିଲେ ନାଉରିଆକୁ "କେତେ ଦେବି କୁହ" ନାଉରିଆଟି ଅତି କୋମଳ କଣ୍ଠରେ କହିଲଶ " ଗୋସେଇଁ ! ମୁଁ କାହା ଠାରୁ ପାରିଶ୍ରମିକ ନିଏ ନାହିଁ । ଆମର ରାଜା ଗୋପୀନାଥ ନରେନ୍ଦ୍ର ବର୍ଷକୁ ବର୍ଷ ପ୍ରଜାମାନଙ୍କର ଜାତାୟାତ କରିବାର ପାରିଶ୍ରମିକ ଆମକୁ ଦେଇ ଦିଅନ୍ତି । ତେଣୁ ଆପଣଙ୍କ ଠାରୁ ପାରିଶ୍ରମିକ ରଖିବୁ ନାହିଁ । ଏହା ଆମ କୁଜଙ୍ଗ ରାଜାଙ୍କ ଆଦେଶ । ଆମର ଏ ହେଲା ଧର୍ମର ଡଙ୍ଗା । ଏଭଳି ଅନ୍ୟାୟ କରିବୁ ନାହିଁ । ଏତକ କହିବା ପରେ ନାଉରିଆ ଠାରୁ ଅତ୍ୟନ୍ତ ଆନନ୍ଦ ମନରେ ମହାବୀର ବାଟିକା ଅଭିମୂଖେ ଅଗ୍ରସର ହେଲେ । (କ୍ରମଶଃ)

# ପରନିନ୍ଦା ପରଚର୍ଚ୍ଚା

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪


ପରନିନ୍ଦା ପରଚର୍ଚ୍ଚାକୁ ଆମେ ସଂକ୍ଷେପରେ ପିଏନପିସି ବୋଲି କହିବା । ପିଏନପିସି କରିବା ବହୁଲୋକଙ୍କ ସ୍ୱଭାବ । ଦିନକୁ କିଛି ସମୟ ଅନ୍ୟମାନଙ୍କ ବିଷୟରେ ଚର୍ଚ୍ଚା ନ କଲେ, ଅନ୍ୟମାନଙ୍କୁ ନିନ୍ଦା, ସମାଲୋଚନା, ବିଦ୍ରୁପ ନ କଲେ ସେମାନଙ୍କ ଭାତ ହଜମ ହୁଏନି, ରାତିରେ ସୁନିଦ୍ରା ହୁଏନି । ସେମାନଙ୍କୁ ଲାଗେ ଦିନଟା ମାଟି ହୋଇଗଲା । ଲକ୍ଷ୍ୟ କରିବେ, ପିଏନପିସି ଭିତରେ ଅଛାମୁସ୍କିଲ ଟାହିଟାପରା ଭିତରେ ଏହାକୁ କରୁଥିବା ଲୋକମାନଙ୍କର ଆତ୍ମ-ବଡିମା ଏବଂ ଆତ୍ମାଭିମାନ ବି ପ୍ରଚ୍ଛନ୍ନ ଭାବରେ ଥାଏ ।

ପିଏନପିସି କରୁଥିବା ଏମିତି ପ୍ରତ୍ୟେକ ଲୋକଙ୍କର ଜୀବନରେ ଦେଖିବେ କିଛି କଷ୍ଟ ରହିଛି । କେହି ତା ପରିବାରକୁ ନେଇ ସନ୍ତୁଷ୍ଟ ନୁହେଁ । କାହାର ସ୍ୱାମୀ/ ସ୍ତ୍ରୀ ସହିତ ପଡୁନି, କାହାର ପିଲା ଠିକ୍ ଭାବରେ ଚାକିରି ବାକିରି ପାଉନି, କାହାର ପିଲା ନିଶାରେ ବୁଡି ରହିଛି, କାହା ଝିଅର ଶୀଘ୍ର ବାହା ଦେଇଦିଆ ହୋଇଛି ତା ଶଶୁର ଘର ଭଲ ନୁହେଁ, ସେ କଷ୍ଟରେ ଅଛି । କିଏ ତା ମନ ମୁତାବକ ଚାକିରି ପାଇନି । କିଏ ପଡ଼ୋଶୀର ଶିରୀ ଦେଖି ଇର୍ଷା ଆଉ ହିଂସାରେ ଜଳିଯାଉଛି । କାହାର ଅଫିସରେ କାମର ଚାପ ରହୁଛି, ବ୍ୟବସାୟ ଭଲ ଚାଲୁନି... ଇତ୍ୟାଦି ହଜାରେ କଥା ଥାଇପାରେ । ଏଇ ମଣିଷମାନେ ନିଜର ଦୁଃଖ କଷ୍ଟ ଇର୍ଷା ହିଂସା ହତାଶା ଗୁଡ଼ିକ ଚାପି ରଖିବାପାଇଁ, ଘୋଡେଇ ରଖିବା ପାଇଁ, ଚାହାନ୍ତି । ପରନିନ୍ଦା ପରଚର୍ଚ୍ଚା ଏହାର ଏକ ସାଧନ । କାହାଘରେ କ'ଣ ହେଲା, କାହାଘରେ ଏଥର ପୂଜାରେ ନୂଆ ଲୁଗାପଟା ହୋଇନାହିଁ, କାହାଘରେ ସ୍ୱାମୀ ସ୍ତ୍ରୀ ଝଗଡା ହେଉଛି, ଖୁବ ଶୀଘ୍ର ସେମାନଙ୍କର ଡିଭୋର୍ସ ହେବ ... । ଏଇ ଖବରଗୁଡାକ ଏବଂ ତାକୁ ନେଇ ମୁଖରୋଚକ ଆଲୋଚନା ସେମାନଙ୍କର ବଂଚି ରହିବାର ରସଦ । ସେଇଥିପାଇଁ ଆପଣଙ୍କ ଘର ବାହାରେ ଧୂଳି ଜମାହେଲେ ସିଏ ଆଗେ ଖବର ପାଆନ୍ତି । ଆପଣଙ୍କ ଘରେ ରବିବାର ଦିନ ଖାସୀ ହେଲା କି ନାହିଁ ସେ ବାସ୍ନାକୁ ସେ ଆଗେ ଗ୍ରହଣ କରନ୍ତି । ଏ ମଣିଷମାନେ ଅନ୍ୟର ସୁଖରେ ଭାରି ଦୁଃଖି ହୁଅନ୍ତି । ଏମାନଙ୍କର ଭାରି କଷ୍ଟ ହୁଏ ଯେତେବେଳେ ଆପଣ ଖୁସିରେ ଅଛନ୍ତି ପ୍ରିୟଜନ ସହିତ, ପରିବାର ସହିତ ଆନନ୍ଦରେ ସମୟ କଟାଉଛନ୍ତି, ବୁଲି ଯାଉଛନ୍ତି, ଭଲମନ୍ଦ ଖାଉଛନ୍ତି, କିଣାକିଣି କରୁଛନ୍ତି । ସେତେବେଳେ ଏମାନେ ଆପଣଙ୍କ ବିଷୟରେ ଅର୍ଦ୍ଧସତ୍ୟକଥା ଅନ୍ୟମାନଙ୍କୁ କହି, ଆଲୋଚନା କରି କିଛିଟା ଶାନ୍ତି ଆଉ ଆନନ୍ଦ ପାଆନ୍ତି ।

ଅସଲରେ ଏହି ମଜା ଆଉ ଆନନ୍ଦ ଛଡା ତାଙ୍କ ଜୀବନରେ ଆନନ୍ଦ ଆଉ କିଛି ନାହିଁ । ଏମାନଙ୍କ ଜୀବନ ଗୋଟେ କୁଅ ଭଳିଆ । ପ୍ରଥାଗତ ଶିକ୍ଷା ହୁଏତ ଅଛି, ହେଲେ ଶିକ୍ଷାର ବ୍ୟାପ୍ତି ନାହିଁ କି ପ୍ରସାର ନାହିଁ । ସ୍ୱପ୍ନ ଅଛି, କିନ୍ତୁ ତାହା ବାସ୍ତବାୟିତ ହୋଇ ନାହିଁ । ସେଥିପାଇଁ ସେମାନେ ଆପଣଙ୍କ ସ୍ୱପ୍ନ ସାକାର ହେଉଥିବାର ଦେଖିଲେ ଇର୍ଷାରେ ଜଳି ଯାଆନ୍ତି । କଷ୍ଟ ପାଆନ୍ତି ଯେତେବେଳେ ଆପଣଙ୍କ ଘରେ ଆନନ୍ଦର ଶବ୍ଦ ଶୁଭେ । ସେମାନେ ଅନ୍ୟମାନଙ୍କୁ ନେଇ ଗପ ତିଆରି କରନ୍ତି କାରଣ ତାଙ୍କ ନିଜ ଜୀବନରେ ଗପ ନାହିଁ । ସେମାନେ ଚର୍ଚ୍ଚା କରନ୍ତି କାରଣ ସେମାନଙ୍କର ନିଜ ଜୀବନର କୌଣସି ଦିଗରୁ ଆଉ ଆଲୁଅ ନାହିଁ । ଅସଲରେ ସେମାନେ କାନ୍ଦନ୍ତି । ଆପଣ ସେଟା ଶୁଣି ପାରୁନାହାନ୍ତି । ଲକ୍ଷ୍ୟ କଲେ ଜାଣିପାରିବେ ହୀନମନ୍ୟତାର ଶ୍ୱାସରୋଧକାରୀ ନିରବତା ରହିଛି ସେ କାନ୍ଦ ଭିତରେ । ସେମାନେ ପ୍ରତିଦିନ ବଂଚନ୍ତି ଆପଣଙ୍କ ଖରାପ ଖବରରେ ଆଉ ପ୍ରତିଦିନ ମରନ୍ତି ପ୍ରତିଦିନ ଆପଣଙ୍କ ହସରେ ।

ଆପଣ ଭଲ ରୁହନ୍ତୁ । ଆନନ୍ଦରେ ରୁହନ୍ତୁ । ହସନ୍ତୁ । ତାହାହେଲେ ସେମାନଙ୍କ ଜୀବନରେ ଗୋଟେ ଝଡ଼ ଉଠିବ । ତେବେ ଏକଥା ଜାଣିରଖନ୍ତୁ ସେମାନେ ପ୍ରକୃତରେ ଭାରି ଦୁଃଖୀ ଲୋକ । ସେମାନଙ୍କୁ ଦୟା କରନ୍ତୁ ।

# ନୀଳପୋଖରୀକୁ ପ୍ରବେଶପତ୍ର



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail : mayadharnayak2014@gmail.com

ପାଶ୍ଚାତ୍ୟ ଦେଶମାନଙ୍କରେ ସବୁ ଅଜବ ଘଟଣା ଘଟିଥାଏ । ୭୦ବର୍ଷ ପରେ ବ୍ରିଟେନ୍‌ରେ ୭୪ ବର୍ଷୀୟ ଚାର୍ଲସଙ୍କ ରାଜାଭିଷେକ ହେଲା । ଏବେବି ବ୍ରିଟେନ୍‌ରେ ରାଜାରାଣୀ ପ୍ରଥା ଅଛି । ଏହି ଚାର୍ଲସ ସୁନ୍ଦରୀ ଡାଏନାଙ୍କୁ ବିବାହକରି ଦୁଇଟି ପୁତ୍ର ଜନ୍ମ ହେବା ପରେ ଛାଡପତ୍ର ଦେଇଛନ୍ତି । ତାଙ୍କର ପୁରୁଣା ପ୍ରେମିକା ପାମେଲାଙ୍କୁ ବିବାହ କରିଥିଲେ । ସେହି ପାମେଲା ଏବେ ବ୍ରିଟେନର ମହାରାଣୀ । ଏହାର ପ୍ରଭାବ ସାରା ବିଶ୍ୱରେ ପଡିଛି ।

ବିଦେଶରେ ଛାଡପତ୍ର ଏକ ମାମୁଲି ଘଟଣା । ବ୍ରିଟେନ୍‌ର ରାଜା ଚାର୍ଲସ (୩ୟ) ମାଇପଛଡାକୁ ରାଣୀ ପାମିଲା ଘଇତାଛଡା । ଏମାନେ ପୁଣି ବ୍ରିଟେନ୍ ଭଳି ସଭ୍ୟଦେଶରେ ରଜାରାଣୀ । ଏମାନଙ୍କୁ ବିଶ୍ୱର ସବୁଦେଶ ସମ୍ମାନ ଦେଉଛନ୍ତି । ରାଜତନ୍ତ୍ର କେବେଠୁ ସମାଧି ନେଲାଣି – ଏବେବି କେତେକ ଦେଶ ରାଜତନ୍ତ୍ରକୁ ଗଳାର ମାଳି କରି ବୁଲୁଛନ୍ତି । ତୈଳସମ୍ପଦ ଥିବା ମଧ୍ୟ ପ୍ରାଚ୍ୟର ୮ଟି ଦେଶର ରାଜାମାନେ ସାମ୍ବିଧାନିକ କ୍ଷମତା ଉପଭୋଗ କରୁଛନ୍ତି । ବେଳେବେଳେ ରାଜାମାନେ ବେଶି ଉତ୍‌ପାତ ହେଲେ ସେମାନଙ୍କ ମୁଣ୍ଡ ମଧ୍ୟ ଗଡିଯାଉଛି । କ୍ଷମତା ପାଇଁ ଆମ ଦେଶ ସମେତ ବହୁଦେଶରେ ନିଜ ପରିବାର ଭିତରୁ ଓ ବାହାରୁ ରାଜାମାନଙ୍କୁ ଗାଦିଚ୍ୟୁତ କରାଯାଇଛି । ସ୍ଥଳବିଶେଷରେ ହତ୍ୟା କରାଯାଇଥିବାର ଅଘଟଣ ଘଟିଛି । ରାଜାରାଣୀମାନଙ୍କ ଅଜବ କାହାଣୀ ଆମେ ସବୁ ପଢିଛେ । ସେମାନଙ୍କ ହଜାରେ ଖରାପଗୁଣ, ବ୍ୟଭିଚାର, ଅତ୍ୟାଚାର, ଶୋଷଣ, କଷଣ, ପର ଝିଅବୋହୂଠୁ ଆରମ୍ଭକରି ପରଧନ ହରଣ ସବୁକିଛି କରୁଥିଲେ ବି କିଛିଲୋକ ରାଜାରାଣୀଙ୍କ ପ୍ରଶଂସାରେ ଶତମୁଖ । ଆମେ ଏକବିଂଶ ଶତାବ୍ଦୀରେ ପହଂଚିଗଲେଣି – ତଥାପି ଆମର ଗୋଲାମୀତନ୍ତ୍ର ଗଲାନି ।

ଏଇ ଓଡ଼ିଶାରେ ଏପରିକି ସମଗ୍ର ଦେଶରେ ମୂର୍ଖଠାରୁ ଶିକ୍ଷିତ ପର୍ଯ୍ୟନ୍ତ ତଳପାହ୍ୟାରୁ ଉପରପାହ୍ୟା ପର୍ଯ୍ୟନ୍ତ ଛାଡପତ୍ର ଘଟଣା କାଁଭାଁ ଶୁଣାଯାଉଥିଲା । ଛାଡପତ୍ର ହେଲେ ସ୍ୱାମୀ-ସ୍ତ୍ରୀଙ୍କୁ ପୁନଶ୍ଚ ମିଳାମିଶା କରି ସଂସାର ଗଢିବାପାଇଁ କୋର୍ଟ ଛ' ମାସରୁ ଦେଢବର୍ଷ ପର୍ଯ୍ୟନ୍ତ ସମୟ ଗଡେଇଚାଲୁଥିଲେ । ଏବେ ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ କହିଦେଲେ – ୧୪୨ ଧାରା ଲାଗୁକରି ଛାଡପତ୍ର ବେଶି ସମୟ ନଗଡେଇ ସଂଗେ ସଂଗେ ଫଇସଲା ହୋଇଯିବ । ଆମେ ସମ୍ବାଦପତ୍ରମାନଙ୍କରେ ପ୍ରାୟ ପଢୁଛେ ଗାଁଗହଳି, ସହରବଜାରର ନିର୍ଯାତିତା ନାରୀ ଓ ନିର୍ଯାତିତ ପୁରୁଷ ଅଭିଯୋଗ ଦରଖାସ୍ତମାନ ଥାନାଠାରୁ ଆରମ୍ଭକରି ଜିଲ୍ଲାର ମୁଖ୍ୟମାନଙ୍କୁ ଦେଇଥାନ୍ତି । କୋର୍ଟକଚେରୀରେ ମଧ୍ୟ ମକଦ୍ଦମା ହୋଇଥାଏ । ଏସବୁ ଖବରର ବିବରଣୀ ଆମେ ତ ପ୍ରତିନିୟତ ଦେଖୁଛେ, ଶୁଣୁଛେ, ପଢୁଛେ । କେବଳ ଓଡିଶା ନୁହେଁ ଭାରତର ଗାଁଗହଳିରେ ଜଣେ ଜଣେ ନାରୀ ଦୁଇତିନି ଜଣ ସ୍ୱାମୀଙ୍କୁ ଛାଡି ଚତୁର୍ଥ ସ୍ୱାମୀଙ୍କୁ ବିବାହ କରୁଛନ୍ତି । ସେଇଭଳି କିଛି ପୁରୁଷ ଦୁଇତିନି ଜଣ ପତ୍ନୀ ମଧ୍ୟ ଗ୍ରହଣ କରନ୍ତି । ସେ ପତ୍ନୀ ହେଉ କି ପତି ହେଉ ଏମାନେ ସେ ସଜ ନୂଆ ପୁଅଝିଅଙ୍କୁ ବାହାହୁଅନ୍ତି ତାହା ନୁହେଁ – କିଏ ସ୍ୱାମୀ ଛଡା ତ କିଏ ପତ୍ନୀଛଡା । ରାଜାମାନେ ଶହେ ପର୍ଯ୍ୟନ୍ତ ବାହାହେଉଥିଲେ । ଏ କଳିଯୁଗରେ ମଧ୍ୟ ବହୁଦେଶର ବଡ଼ ବଡ଼ ନେତାମାନେ ଦି'ଚାରିଟା ଲେଖାଏଁ ବାହାହୋଇପଡୁଛନ୍ତି । ଆମେ ସତ୍ୟ, ତ୍ରେତୟା, ଦ୍ୱାପରଯୁଗ ପାରହୋଇ କଳିଯୁଗର ଶେଷମୁହୂର୍ତ୍ତରେ ପହଞ୍ଚିଗଲେଣି । ଏଇ କଳିଯୁଗରେ ବିଭିନ୍ନ ଦେଶରେ ଆଇନ୍‌କାନୁନ, ସମ୍ବିଧାନ ରହିଛି । ତାକୁ ଲୋକେ ମାନିଲେ ସିନା ହେବ ! ଏବେ ଆଉ ଏକ ଘଟଣା ଘଟିଚାଲିଛି, ତା' ହେଲା - ନାରୀ ନାରୀକୁ ବାହାହେବେ, ପୁରୁଷ ପୁରୁଷକୁ ବାହାହେବେ । ଏ ସବୁକୁ ଆଇନ୍‌ରେ ପରିଣତ କରିବାପାଇଁ କୋର୍ଟକଚେରୀ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ବି ବିଚାର ଚାଲିଛି । ଏସବୁ ଘଟଣାରୁ ନରନାରୀମାନେ କି ଶିକ୍ଷା ନେଉଛନ୍ତି ?

ଗାଁଗହଳି ସହରବଜାରରେ ଲୁଚାଛପାରେ ସିନା ଏ କାର୍ଯ୍ୟ ହେଉଥିଲା - ପଦାକୁ ବେଶି ବାହାରୁନଥିଲା । ଏବେ ଖୁଲମଖୁଲ୍ଲା ଜାକଜକମରେ ଏସବୁ ଘଟିଚାଲିଛି । ବିଦେଶୀସଂସ୍କୃତିକୁ ଆମ ଭାରତୀୟମାନେ ଜଲଦି ଆପଣେଇ ନେଉଛନ୍ତି । ଆପଣା ସଂସ୍କୃତିକୁ କେହି ମାନୁନାହାଁନ୍ତି । ଯାହାଫଳରେ ସମାଜରେ ନିଶାସେବନ, ଯୌନବ୍ୟଭିଚାର, ସାମାଜିକ, ସାଂସ୍କୃତିକ ଅବକ୍ଷୟ, ଅର୍ଥନୈତିକ ଆତଙ୍କବାଦ, ରାଜନୈତିକ ଅଧଃପତନ ଦ୍ରୁତଗତିରେ ଧ୍ୱଂସଆଡକୁ ମୁହାଁଉଛି । ଭୋକ-ରୋଗ ପୃଥିବୀକୁ ଗ୍ରାସ କରିଗଲାଣି । ପ୍ରାକୃତିକ ଓ ମନୁଷ୍ୟକୃତ ବିପଦ ପ୍ରତିମୁହୂର୍ତ୍ତରେ ଲାଗିରହିଛି । ଧର୍ମ ଧର୍ମ ଭିତରେ, ଜାତି ଜାତି ଭିତରେ ଘୃଣା ସୃଷ୍ଟି ହେଉଥିବାରୁ ହଣାକଟା ଠାରୁ ଆରମ୍ଭକରି ପୋଡାପୋଡି ଏପରିକି ଯୁଦ୍ଧ ଓ ଗୃହଯୁଦ୍ଧ ଲାଗିଯାଉଛି । ଫଳରେ ଏ ବିଶ୍ୱର ମାନବଜାତି କଠିନ ପରିଶ୍ରମ କରି ଯେଉଁସବୁ ସମ୍ପଦ ବର୍ଷ ବର୍ଷ ଧରି ସୃଷ୍ଟି କରିଥିଲେ ସେସବୁ ଆଖିପିଛୁଳାକେ ଧ୍ୱଂସହୋଇ ଶ୍ମଶାନଭୂମିରେ ପରିଣତ ହୋଇଯାଉଛି । ସେ ବିଶ୍ୱରେ ହେଉ କି ଦେଶରେ, ରାଜ୍ୟରେ ହେଉ କି ଗାଁ ଗଣ୍ଡାରେ ହେଉ କେହି କାହା କଥା ଶୁଣୁନାହାଁନ୍ତି କି ମାନୁନାହାଁନ୍ତି । ରାଜକୋଷ ଲୁଣ୍ଠନକରାଧନ ଅପହରଣ କରି ଯେଉଁମାନେ କୋଟିକୋଟି ଟଙ୍କା, ଡଲାର, ପାଉଣ୍ଡ, ରୁବେଲ୍ ସବୁ ଲୁଚେଇ ରଖିଛନ୍ତି ସେ ସବୁକୁ ଅନ୍ୟାୟ ଉପାୟରେ ବଦ୍‌ଖର୍ଚ୍ଚ କରିବାଦ୍ୱାରା ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି । ସାମାଜିକ ସ୍ତରରେ ସମାଜ, ପରିବାର ପତନ ଆଡକୁ ଯାଉଛି । ଏଇ ୨୦୨୩-୨୪ ବହୁ ଅଘଟଣ ଘଟିବାର ସୂଚନା ଜଳଜଳ ହୋଇ ଦେଖାଯାଉଛି । ଆଖି ଯାହା ଦେଖିନଥିଲା, କାନ ଯାହା ଶୁଣିନଥିଲା, ସେ ସବୁ ଦେଖିବ ଓ ଶୁଣିବ । ମୋର କହିବାର କଥା – ନାରୀପୁରୁଷମାନେ ଆବଶ୍ୟକତା ପାଇଁ ବାହା ହୁଅନ୍ତୁ, ନୂଆ ସଂସାର କରନ୍ତୁ, ସେଥିରେ କିଛି ଅସୁବିଧା ନାହିଁ । କିନ୍ତୁ ଅସୁବିଧା ଗୋଟିଏ ଜାଗାରେ ଅଛି । 'ଦେଖାଶିଖା ଓଡିଶା'ରେ ପଦପଦବୀଥିବା ବଡ଼ଲୋକମାନେ ଏବଂ ଧନୀଲୋକମାନେ ଯେଉଁସବୁ କାର୍ଯ୍ୟ କରନ୍ତି ତାକୁ ସାଧାରଣ ଲୋକେ ପସନ୍ଦ କରନ୍ତି ନାହିଁ । କିନ୍ତୁ ସେଇ ଅପସଂସ୍କୃତି ଧୀରେ ଧୀରେ ଗାଁଗଣ୍ଡା ସହରବଜାରରେ ପଶିଗଲାଣି । ଫଳରେ କଥାକଥାକେ ସ୍ୱାମୀ ପତ୍ନୀକୁ ଛାଡିଦେଉଛି । ପତ୍ନୀ ସ୍ୱାମୀକୁ ଛାଡିଦେଉଛି । ପୁନଶ୍ଚ ସେମାନେ ଅନ୍ୟତ୍ର ବିବାହକରି ନୂଆ ସଂସାର ଗଢୁଛନ୍ତି । ଏ ସବୁରେ କଟକଣା ଲଗାଇବାପାଇଁ ଆଇନ୍ ଥିଲେ ବି ସେ ଆଇନ୍ ସବୁସ୍ଥାନରେ କାର୍ଯ୍ୟକାରୀ ହେଉନାହିଁ । ଏହାଦ୍ୱାରା ଯୁବକଯୁବତୀମାନେ ଅସାମାଜିକ ଅପସଂସ୍କୃତିର ଶିକାରହୋଇ ପରିବାର ଅଭିଭାବକମାନଙ୍କୁ ମାନୁନାହାଁନ୍ତି, ମନଇଛା ଜୀବନକୁ ଉପଭୋଗ କରିବାପାଇଁ ମରିଚୀକା ପଛରେ ଗୋଡଉଛନ୍ତି । ନୀଳପୋଖରୀକୁ ପ୍ରବେଶପତ୍ର ହାସଲପାଇଁ ପ୍ରତିଯୋଗିତା ଚାଲିଛି । ପରିବାର ଭାଙ୍ଗିଯାଉଛି । ସଂସାର ଉଚ୍ଛନ୍ନ ହେଇଯାଉଛି । ଯାଡେ ପୁଣି ଅଭାବଅନଟନ, ବେକାରି, ବେରୋଜଗାରି, ଭୋକ-ରୋଗରେ ଆଉଟୁପାଉଟୁ ହୋଇ ହତାଶପଙ୍କରେ ଘାଣ୍ଟି ହେଉଛନ୍ତି । ଦି'ଓଳି ଦି'ମୁଠା ଖାଇବାପାଇଁ ପିଲାଛୁଆଙ୍କ ମୁହଁରେ ଦାନା ଦେବାପାଇଁ, ପରିଣତ ବୟସରେ ବାପା'ମା ମାନଙ୍କୁ ପୋଷିବାପାଇଁ ଏବଂ ପିଲାଙ୍କ ପାଠପଢା, ଚିକିତ୍ସା ଖର୍ଚ୍ଚ ଯୋଗାଡ଼ କରିପାରୁନାହାଁନ୍ତି । ଅନ୍ୟର ହାତଟେକାକୁ ଚାହିଁରହିଛନ୍ତି । କରଜ କରି ସୁଧମୂଳ ଗଣିଗଣି ଭିଟାମାଟି ଖଣ୍ଡକ ବି ଉଜୁଡିଯାଉଛି । ଯେହେତୁ ସେମାନେ ଭୋଟର୍, ତାଙ୍କ ଭୋଟ୍‌ରେ ସରକାର ଗଢିବାପାଇଁ ଦଳ ଓ ନେତାମାନେ ଭୋକିଲା ଓ ଅଭାବୀ ଭୋଟରମାନଙ୍କୁ ନାନା ପ୍ରତିଶ୍ରୁତି ଦେଇ ମାଗଣାରେ ଟଙ୍କା, ଚାଉଳ, ଗହମ, ମଦ ଦେଇ ଭୋଟ କିଣିନିଅନ୍ତି । ସରକାର ଗଢିଲାପରେ ଏ ଭୋଟର ବିଚରାଙ୍କୁ କିଏ ପଚାରେ ? ଚାହିଁଲେ ବି ସେମାନେ ୱାର୍ଡମେମ୍ବର ଠାରୁ ଆରମ୍ଭକରି ମନ୍ତ୍ରୀ ପର୍ଯ୍ୟନ୍ତ କାହାକୁ ବି ଗାଦିରୁ ତଡିପାରିବେ ନାହିଁ । ପୁଣି ଅନେଇଥିବେ ସେଇ ପାଞ୍ଚ ବର୍ଷ ଭୋଟ୍ ବେଳକୁ । ସେତେବେଳକୁ ଭାବିବାକୁ ବେଳ ନଥାଏ, ନେଡିଗୁଡ କହୁଣୀକୁ ବୋହିଯାଇଥାଏ ।

ଏଭଳି ଘଟଣା ଅଘଟଣା ଆଗେ କାଁ ଭାଁ ଘଟୁଥିଲା । ସେତେବେଳେ କିଛି ଭଲଲୋକ ଥିଲେ । ସେମାନେ ଗାଁଗଣ୍ଡା ସହରବଜାରରେ ମୁରବୀ ଦାୟିତ୍ୱ ତୁଲାଉଥିଲେ । ଯଦି କିଛି ଖରାପ କାର୍ଯ୍ୟ ହେଉଥିଲା ସେମାନେ ଆକଟ କରି ଦଣ୍ଡ ଦେଉଥିଲେ । ଲୋକଙ୍କର ଟିକେ ଭୟ ଥିଲା । ଏଇ କେତେବର୍ଷ ହେଲା ଆଉ ସେ ଭଲଲୋକ ନାହାଁନ୍ତି, ଆଉ ଯେଉଁ ମୁରବୀ ସବୁ ଅଛନ୍ତି ସେମାନଙ୍କୁ କେହି ମାନୁନାହାଁନ୍ତି । ଫଳରେ ପ୍ରବଳ ସାମାଜିକ ବିଶୃଙ୍ଖଳା ବଢିଚାଲିଛି । କିଛି ଦେଶର ବିସ୍ତାରବାଦୀ ନୀତି ଯୋଗୁଁ ଦେଶ ଦେଶ ଭିତରେ ଯୁଦ୍ଧ ଲାଗିଛି । ଜାତି ଜାତି ଭିତରେ ହଣାକଟା ଚାଲିଛି । ଭୟଙ୍କର ମାରଣାସ୍ତ୍ରମାନ ପରସ୍ପର ବିରୁଦ୍ଧରେ ନିକ୍ଷେପ କରୁଛନ୍ତି । ଦେଶର ରାଜକୋଷକୁ ବଡ଼ କୌଶଳରେ ଲୁଟ୍‌କରି ଗଣମାଧ୍ୟମରେ ବାହାଦୁରି ଦେଖାଉଛନ୍ତି । ରାଜନୀତିରେ ଆଉ ସୌନ୍ଦର୍ଯ୍ୟ ନାହିଁ କି ସୌରଭ ନାହିଁ । କେବଳ ମିଥ୍ୟା ପ୍ରତିଶ୍ରୁତିର ପାହାଡପାହାଡ ଦସ୍ତାବିଜ୍ । ଏ ବିଶ୍ୱ ଧ୍ୱଂସ ଆଡକୁ ମୁହାଁଇଛି । ଏବେ ପୃଥିବୀତମାମ୍ ବହୁଲୋକଙ୍କ ମୁଣ୍ଡ କାମକରୁନି । ସେ ମୁଣ୍ଡ କ୍ଷମତା, ଟଙ୍କାପଇସା ପାଖରେ ମୁଣ୍ଡିଆ ମାରୁଛି । ମନେରଖନ୍ତୁ – 'ମୁକୁଟ ଠାରୁ ମୁଣ୍ଡ ମୂଲ୍ୟବାନ' ।

# ନିରକ୍ଷରତା ବିକାଶର ପ୍ରଧାନ ଅନ୍ତରାୟ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ଶିକ୍ଷା ଗୋଟିଏ ଜାତିର ସମ୍ପଦ, ପରିଚୟ ଓ ସ୍ୱୀକୃତି । ଯେଉଁ ଦେଶ ଯେତେ ଶିକ୍ଷିତ, ସେ ଦେଶ ସେତେ ଉନ୍ନତ । ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତାର ପରିସର ବ୍ୟାପକ ହେବା ଦରକାର । ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ ଅଟେ । ତେଣୁ କୌଣସି ଦେଶର ସାମଗ୍ରିକ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି । ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା । ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି । ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି । ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୁପ । ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି । ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ୍ୟ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ । ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା – ରେବତୀ ପାଠ ପଢିବ ! ଘର ଉଜୁଡି ଯିବ । ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି । ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି । ତଥାପି ସଂଗ୍ରାମ ସରିନାହିଁ । ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଣ୍ଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି । ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି । ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍ । କାରଣ ନାରୀ ଜାଗିଲେ, ପରିବାର ଜାଗିବ, ପରିବାର ଜାଗିଲେ ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ । ଏକଥା ଆମକୁ ମନେ ରଖିବାକୁ ହେବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## କୋଟିଏ ଆଖିର ତାରା


ଆଦ୍ୟାଶା ମହାପାତ୍ର




କୋଟିଏ ଆଖିର ତାରା ପରା ସିଏ ସବୁରି ଶ୍ରେଷ୍ଠ ବାଞ୍ଛିତ
ତା ଲାଗି ଏ ଧରା ଶାଶ୍ୱତ ସୁନ୍ଦର ମଧୁମୟ ଏ ଜଗତ ।।

ଉଷର ମାଟିରେ ଆଶିଷ ତାହାର ହୁଏ ଅବାରିତ ଝର
ତା ପାଇଁ କି ସିନା ତରୁଲତା ଓଠେ ଖୁସିର ଅମିୟ ଧାର,

ସୂରୁଜ ହୋଇ ସେ ସକାଳରୁ ସଞ୍ଜ ଢାଳିଦିଏ ଖୁସି ରେଣୁ
ଖୁସି ଛଳ ଛଳ ସାଗରରେ ଉର୍ମି ପବମାନ ଗୁଣୁ ଗୁଣୁ ।।

ଅବୋଧ ଓଠରେ ସାଜିଥାଏ ସିଏ ଦରୋଟି ଭାଷାର ଗୀତି
ଫୁଲ ପାଖୁଡ଼ାରେ ରଙ୍ଗ ଭରେ ସିଏ ଭ୍ରମର କଣ୍ଠରେ ସ୍ତୁତି,

ଜଳ ବିନ୍ଦୁ ହୋଇ ଆକାଶୁ ଝରଇ ବୀଜ ଅଙ୍କୁରଣ ପାଇଁ
ସଞ୍ଚରିଛି ବାୟୁ ପୃଥିବୀ ପୃଷ୍ଠରେ ଜୀବନ ନିର୍ଯ୍ୟାସ ହୋଇ ।।

ହସ୍ତ ପାଦ ହୀନ ଦାରୁ ଦେବତା ସେ ଉଦ୍ଧାରେ ପତିତ ଜନ
ପ୍ରତିଟି ତୁଣ୍ଡରେ ସେ ଯେ ସ୍ୱତଃସ୍ଫୂର୍ତ୍ତ ପରମାର୍ଥ ଆବାହନ,

ସସାଗରା ଧରା ବିନ୍ୟାସ ଯାହାର ସେଇ ତା'ର ପ୍ରତିଛବି
ହୃଦ କନ୍ଦରେ ସେ ଓଁକାର ପ୍ରତୀତ ଭରସାର ଭାଗ୍ୟରବି ।।


ନୂଆପଡା, କଟକ


## ଆସ କଥା ହେବା


ରଜନୀ ନାୟକ


ଆସ ବସିକି ଟିକେ କଥା ହେବା
ଇରାନ, ଆମେରିକା ମିସାଇଲ ଯୁଦ୍ଧ
କଥାରେ କଥାରେ ଛୁଇଁ ଯିବା
ଦେଶର ଭବିଷ୍ୟତ, ଆମର ଅତୀତ
ଜୀବନ ଯାତ୍ରାର ଯାତ୍ରୀ ହେବା
ଆସ ବସିକି ଟିକେ କଥା ହେବା

ମନ ଗହନର ଦୁଃଖ ଦରଦ
ଦୁହେଁ ଦୁହିଁଙ୍କୁ ବାଣ୍ଟି ଦେବା
ଦେହରୁ ଦେହୋଳି ଯେତେ ଧୂଳି ମଳି
ସମୟ ସ୍ରୋତରେ ଧୋଇ ଦେବା
ଆସ ବସିକି ଟିକେ କଥା ହେବା

ଇଚ୍ଛା ହେବ ଯଦି ସମୁଦ୍ର ବାଲିରେ
ପାଦ ଚିହ୍ନ ଆମ ଛାଡ଼ି ଯିବା
ଜଉ ମୁଦ ଘେରା ଯନ୍ତ୍ରଣା ଯୁଇରେ
ମୁରୁକି ଟିକିଏ ହସି ଦେବା
ଆସ ବସିକି ଟିକେ କଥା ହେବା


ଭାବ ଅଭାବର ନୁଆଁଣିଆ ସଞ୍ଜେ
ବିଶ୍ୱାସ, ଭରସାର ମାଳା ଗୁନ୍ଥୁଥିବା
ମନ ହରିଣୀର କଟା ଖୁରା ଧରି
ଆଗାମୀ ସକାଳ ଦେଖୁଥିବା
ଆସ ବସିକି ଟିକେ କଥା ହେବା

ବର୍ଷା ପାଣିରେ ଡ଼ଙ୍ଗା ଭସାଇବା ଚିତ୍ର
ଦୁହେଁ ଦୁହିଁଙ୍କର ଆଙ୍କୁଥିବା
ଜୀବନର ନାବ ବୁଡିଯିବା କଥା
କ୍ଷଣିକ ପାଇଁକି ଭୁଲି ଯିବା
ଆସ ବସିକି ଟିକେ କଥା ହେବା

ଶୋରିଷ ଦାନାର ଗଭୀର ବିଶ୍ୱାସ
ନିଶ୍ୱାସରେ ଆମେ ମାପୁଥିବା
ଗଙ୍ଗଶିଉଳି ଝଡ଼ିବା ଆଗରୁ
ମହକ ସାଇତି ରଖି ଦେବା
ଆସ ବସିକି ଟିକେ କଥା ହେବା

ଆଷାଢ଼ର ମିଠା ବରଷାରେ ଭିଜି
ପିଲାଦିନ ଆମ ଖୋଜୁ ଥିବା
ହାତେ ହାତ ଛନ୍ଦି ଦୂରରୁ ଦୂରକୁ
ନୀରବରେ ବାଟ ଚାଲୁ ଥିବା
ଆସ ବସିକି ଟିକେ କଥା ହେବା

ଲିଭି ଯାଉଥିବା ସଞ୍ଜ ସଳିତାରେ
ନୂଆ ସମ୍ଭାବନା ତେଲ ଢ଼ାଳି ଦେବା
ଆଖିରୁ ନିଗିଡ଼ି ପଡୁଥିବା ଲୁହ
ନିଜ ହାତେ ଆମେ ପୋଛି ଦେବା
ଆସ ବସିକି ଟିକେ କଥା ହେବା ।




ଭୁବନେଶ୍ୱର


## ଅଳ୍ପରେ ଗଳ୍ପ


ମହାଶ୍ୱେତା ପାଣିଗ୍ରାହୀ


ଅଳ୍ପରେ କହିଲେ ଗଳ୍ପ ହୋଇପାରେ
ବେଶୀରେ ସେ ଉପନ୍ୟାସ,
ପରିଚୟ ସେ ତ ଅଦ୍ୱିତୀୟ ଅଟେ
ଗୃହିଣୀ ମୁଁ ଅଳ୍ପେ ବଶ।
ଚଳଚଞ୍ଚଳ ଅଟେ ଚାରିଡ଼ାଳ
ଲାଗେ ନାହିଁ ଜମା କ୍ଳେଶ,
ଆଧୁନିକା ଭାର ପଡିଲା ବେଳଠୁଁ
କାର୍ଯ୍ୟ ଭାର ମୋ ବିଶେଷ।
ଗୃହକର୍ତ୍ତ୍ରୀ ସହ ଜଞ୍ଜାଳ ଅନେକ
ନୂତନ ଛୁଙ୍କର ବାସ,
କିଟି ପାର୍ଟି ସହ ସମାଜସେବାରେ
ସମୟ କଟେ ଅଶେଷ।
ଅତି ସାଧାରଣ ଯେମିତି ଦର୍ପଣ
ନାହିଁ କାହାଠାରେ ରୋଷ,
କେହି ବୁଝେ କେହି ଅବୁଝା ହୁଅଇ
କାହାର ମେଣ୍ଟେନା ଶୋଷ।
କ୍ଲିଷ୍ଟ ବୋଧ ହୁଏ ଅଙ୍କ ଜୀବନର
କଷି ଯାଏ ସେ ଅବଶ୍ୟ,
ବ୍ୟବହୃତ ପୁଣି ବ୍ୟବହାର ଏଠି
ବ୍ୟବସ୍ଥାରେ ଭଲ ମେଷ।
ଛନ୍ଦ ଅଳଙ୍କାର ଉପମା ପ୍ରକାର
ଓଠରେ ଉଦ୍ୟତ ହସ,
ଦୃଶ୍ୟମାନ ଏଠି ଉଗ୍ରତାର ମାନ
ତଥାପି ଟେକିଛି ଯଶ।
ସମ୍ପର୍କ ଧ୍ୟାନରେ କେବେ ସେ ଜ୍ଞାନରେ
ହୋଇଯାଏ କେତେ ଚାଷ,
କର୍ମ କ୍ଷେତ୍ରେ ପୁଣି କର୍ମ ବୁଣି ବୁଣି
ପାଉଥାଏ ଜୀବନ୍ୟାସ।
ଦୋଳାୟମାନ ଏ ଜୀବନର ଗତି
ଚାଲିଥିଲା ଯାଏଁ ଶ୍ୱାସ,
ପୁଷ୍ପ ବାଟିକାର ସୁଗନ୍ଧ ଭଳିଟି
ବିତରୁ ଥିବି ମୁଁ ବାସ।


ସାଇ ପ୍ରିୟା ନଗର
ରାୟଗଡ


## ପ୍ରଜାପତି


ଡ. ଦୀପକ କୁମାର ମିଶ୍ର


ପାରିବ ଯଦି ଗୋଟେଇ ନେଇପାର
ତଲ୍ଲୀନତାରୁ ଯତକିଞ୍ଚିତ୍
ଯାହା ଝରିପଡ଼ିଚି
କଦବାୟ କେବେ କଦର୍ଯ୍ୟତା ଭୋଗିଥିବା
ବ୍ୟାକୁଳତାର ଉନ୍ମାଦ ଡେଣାରୁ ।

ବଳକା ଦୃଶ୍ୟତା ତ ଛନ୍ଦି ହୋଇଯିବ ସ୍ୱତଃ
ଆବଣ୍ଟନ ନିୟମର ଧରାବନ୍ଧା ନୀତିରେ,
ଶୂନ୍ୟତା ଓ ସୁନ୍ଦରତାର ଗଭୀର ପର୍ବରେ,
ଅନ୍ୟମନସ୍କତାର ଅମ୍ଳାନ ମନରେ
ଆଶ୍ଚର୍ଯ୍ୟକର ବିଭାବରୀ ସାଜି ।

ଫୁଲରୁ ଫୁଲକୁ ଚୁମିଯିବାର ବ୍ୟସ୍ତତାରେ
ଭୁଲେ କାହୁଁ ଯେ ବିଞ୍ଚିବାକୁ
ନିର୍ଭେଜାଲ ନିଦର୍ଶନର ନିର୍ଭୁଲ ବିଭୋରତା
ରୋମାଞ୍ଚକର ରେଖାଙ୍କିତ ଭୂଲତାକୁ ଛୁଇଁ
ଏଇ ତ ଉଡ଼ିଗଲି ଚଟକିନା
ନିଭୃତ ହୃଦୟର ଗୁପ୍ତ କଠୋରିରେ
ଚୁପକିନା ଚିତ୍ରଟିଏ ଆଙ୍କି ।

ତୁମେ ଅନାବରଣ କରିପାର ବିଭସତାର ସ୍ମୃତିସ୍ତମ୍ଭକୁ
ମନ ମତାଣିଆ ଭାଷଣଟିଏ ମାରି
ବିବର୍ତ୍ତନବାଦର ତୂର୍ଯ୍ୟନାଦରେ
ଫିଙ୍ଗିପାର ଛେପ ଅବା କାଣିଚାଏ ପ୍ରୀତିପୂର୍ଣ୍ଣ ଛାତି
ମୁଁ କିନ୍ତୁ କିମ୍ବଦନ୍ତୀର କିମିଆଁ ଦୂତଟିଏ ସାଜି
ତୁମ୍ଭି ତୋଫାନ କରୁଥିବି ନିରବଚ୍ଛିନ୍ନ
ଶିଉଳି ଲେପା ପ୍ରେମର ଗଳିରେ ।

ମନେରଖ,
ଶତଚେଷ୍ଟା କଲେ ବି ଭାଙ୍ଗିପାରିବନି କେବେ
ରେଣୁ ରେଣୁ ରଙ୍ଗ ବୁଣୁଥିବା
ଯୋଡ଼େ ଟିକି ଡେଣାର ଗଭୀର ବିଶ୍ୱାସ
ସପ୍ତାଶ୍ଚର୍ଯ୍ୟ ଭୋଗୁଥିବା ତୁମ ଭୋକିଲା ଆଖିରେ ।

ସମ୍ଭାଳୁଆର ଅସମ୍ଭାଳ କଟୁତାକୁ
କାଟିପାରିଚି ବୋଲି ତ
ସନ୍ଥଟିଏ ସାଜି
ଘୁରିବୁଲୁଚି ଆଜି ବୈରାଗ୍ୟତାର
ଅଭିମାନ ନେଇ
ମନଲୋଭା ବଗିଚାଗୁଡ଼ିକରେ
ସମ୍ମାନସ୍ୱଦ ଆତିଥେୟର ପୂର୍ଣ୍ଣ
ଅହଙ୍କାରରେ ।




ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦


## ବିଭୋର ମନ...


ନୃସିଂହ ଚରଣ ବେହେରା


ମୋର ଏଇ ବିଭୋର ଅମାନିଆ ମନ
ତନ୍ମୟତାର ଡେଣା ମେଲି ବେଳେବେଳେ
ଉଡୁଥାଏ ଅଜଣା ରାଇଜରେ
ବୋଧହୁ ଏବିଷାଦର ରଙ୍ଗକୁ
ଏଡେଇବାକୁ ଯାଇ ସେ ଉଡୁଥାଏ ଏମିତି ।
ମନର ଆକାଶରେ ବିଭୋର ହୋଇ
ଉଡାଣ ଭରି ଭରି ଆଙ୍କୁଥାଏ ସେ
ଅବଚେତନ ମାନସରେ ଭରି ରହିଥିବା
ଅଙ୍କା ହୋଇନଥିବା ଚିତ୍ର ସବୁକୁ ।
ମନର ଗଭୀରତାକୁ ଏଠି
କିଏ ଦଏଖିଛି ନା' ପାରିଚି ତାକୁ ମାପି ?
ସେ ତ ଶୂନ୍ୟ ଆକାଶର ଅଭ୍ୟନ୍ତର
ମହାଶୂନ୍ୟର ଜଠର ?
କ'ଣ କିଛି ମନ୍ତ୍ର ଅଛି କରିବାକୁ ଆୟତ୍ତ
ଏହି ଭୁଲାମନକୁ ନା' ଅଛି
କିଛି ଯନ୍ତ୍ର ଅବା କବଚ ବାନ୍ଧି ରଖିବାକୁ ତାକୁ ?
ମାଞ୍ଜାକଟା ପତଙ୍ଗ ପରି ସେ
ଉଡିବୁଲୁଥାଏ ଏପଟରୁ ସେପଟ ହୋଇ
ଅନେକ ଦ୍ୱନ୍ଦ୍ୱର ଘଞ୍ଚ ଜଙ୍ଗଲରେ
କ'ଣ କେଉଁ ଗୁଡି ଅଛି ଏଦୁନିଆରେ
ତାକୁ ପୁଣି ଥରେ ନଟେଇରେ ବାନ୍ଧି ରଖିବାକୁ ?
ତୁ କେଉଁଠି ଥାଉରେ ମନ ?
କାହିଁକି ବୁଲୁ ଅଜଣା ଭାବନା ରାଇଜରେ ?
ଠିକ୍ ଗୋଟିଏ ଦିଗହରା ପଥିକ ପରି
ଘୁରିବୁଲୁଥାଉ କେଉଁ ଅଭ୍ୟନ୍ତର କୋଣରେ
କ୍ଷଣିଏ ଅଟକି ବିଶ୍ରାମନେବା
ସମ୍ଭବହୁଏ ନାହିଁତୋ' ପାଇଁ ।
ଚାହୁଁଚାହୁଁ ଆଖି ପିଛୁଳାକେ ମାଡିଯାଉ
ଯୋଜନ ଯୋଜନ ଦୂରତାକୁ ।
ଯାଉଛୁ ତ ମନ ଯା..
ଭାବନାର ପରିଧିର ଉର୍ଦ୍ଧ୍ୱରେ
ଭାସମାନ ପତ୍ରଟିଏ ପରି ବୁଲୁଥିବୁ
ଅନେକ ଅପୂର୍ଣ୍ଣା ଆଶା, ଅସଂଖ୍ୟ ଆକାଂକ୍ଷା
ମୋହ, ମାୟା ଓ ସ୍ୱପ୍ନ ଗହଣେ
ଦୀର୍ଘଶ୍ୱାସର ଘନ ପ୍ରବାହରେ
ଡାକିବିନି ତତେ ଆଉ କହିବିନି
ଥୟ ଧରି କ୍ଷଣେ ରହିଯାଏ ଇଠି
ମୋରଏହି ଅଲୋଡାଜୀବନରେ
ଆଉ ଅଣନିଃଶ୍ୱାସୀ ହେବାକୁ !




ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୯୦୯୦୪୫୯୭୪୫


## ତା'ର ହାତ ଅଛି


ଜଗନ୍ ପାଳ




କହିବାକୁ ତ ସେ କିଛି ଜାଣିନି
ଆଉ ସେ ଯାହା ଜାଣିଛି କାହାକୁ ବା ଅଛପା ଅଛି
ସକାଳ ୫ ରୁ ଉଠିବାର ଥିଲେ ୬ ଟା ହେଲାଣି ଉଠ କହି
ଆମକୁ ବ୍ୟସ୍ତ କରି ଉଠେଇଦବାରେ
ତା'ର ହାତ ଅଛି...
ଖାଇବାକୁ ଯେତେ ଆଣିଥିଲେ ବି ସବୁତକ କେମିତି ଖାଇବା
ଏଇଟା ଶେଷ ଗୁଣ୍ଡା କହି ସବୁତକ ଖୁଆଇ ଦେବା ରେ
ତା'ର ହାତ ଅଛି...
ସ୍କୁଲରେ ମାଡ଼ ପାଳି ଥିଲେ ମୋ ନ ଯିବାର ବାହାନା ଦେଖି
ମୁଁ ମାଷ୍ଟରକୁ ନ ବାଡେଇବାକୁ କହି ସ୍କୁଲ ପଠେଇବାରେ
ତା'ର ହାତ ଅଛି ...
ପୋଖରୀକୁ ଗାଧେଇ ଯିବାର ପଛେ ପଛେ ଚାଲିଯାଇ
ମତେ ଶୀଘ୍ର ଗାଧୁଆ ସରିବା ଲାଗି
କେତେବେଳୁ ଆସିଲୁଣି ଶୀଘ୍ର ଉଠ କହି ଉଠେଇବାରେ
ତା'ର ହାତ ଅଛି...
ସ୍କୁଲକୁ ମୁଁ ଯେତେ ସଜ ହେଇ ବାହାରିଲେ ବି ମୁଣ୍ଡକୁଧରି
କଣ ସବୁ ଏମିତି ଆସାଇଜ କରିଛୁ କହି
ମୁଣ୍ଡ ସାଉଁଳେଇବାରେ
ତା'ର ହାତ ଅଛି...
ଅପରାହ୍ନରେ ବ୍ୟାଗ୍ ଫୋପାଡି ଦେଇ ଖେଳିବାକୁ ଗଲାବେଳେ
ଏ ଟୋକାର ପାଠଶାଠ କିଛି ନାଇଁ
ଦିନରାତି ଖେଳିଲା କହି ଗାଳି ଦେବାରେ
ତା'ର ହାତ ଅଛି ...
ସନ୍ଧ୍ୟାରେ ପାଠ ପଢୁ ପଢୁଁ ନିଦ ଆସିଯିବା ଦେଖି
ବାପା କାଳେ ରାଗିବେ
ମୋ ପୁଅଟା ଆଜି ବହେ ପଢ଼ିଲାଣି
ସେତିକି ଥାଉ କହି ଖାଇବାକୁ ଡାକିବାରେ
ତା'ର ହାତ ଅଛି...
ରାତିରେ ମୁଁ ଶୋଇ ପଡ଼ିଲିଣି ଭାବି ବାପାଙ୍କ ପାଖରେ
ମୋର ଭବିଷ୍ୟତ କଥା କହି
ମତେ କେତେ ଭଲପାଏ ଶୁଣେଇବାରେ
ତା'ର ହାତ ଅଛି...


ଚାରିମାଧିଆ, ବାଙ୍କି, ବନ୍ଦାଲୋ,
କଟକ-୭୫୪୦୩୦, ମୋ-୯୬୬୮୫୬୩୦୦୩


## ଚଇତାଳି


ସୁବ୍ରତ ଜେନା


ଏମିତି ବଦଳିଛି ଏଠି
କାଦୁଅ ସର ସର
ରାସ୍ତା ବଦଳରେ ପକ୍କା ସଡକ
ନୁଆଁଣିଆ ଚାଳ
ତା ଉପରେ ଅଂକେଇ ବଙ୍କେଇ
ମାଡୁଥିବା ଲାଉ ଲତା
ବଦଳରେ ଧୋବ ଫର ଫର
କେଇ ମହଲା
ତା ସହ ବଦଳିଛି
ସେ ଆଗ କାଳର ବାପ ଦାଦି ଜେଜେର
ମହାନ ପରମ୍ପରା
ସ୍ନେହ ସମ୍ପର୍କର ଗଣ୍ଠିଲି ସବୁ ବନ୍ଧା
ମୋର ମୋର ଘୃଣାର
ବୁଡିଆଣି ଜାଲ ଆଗରେ ।

ମୁଁ ଦେଖିଛି
ଏ ଶିଶୁ କିଶୋର ଯୁବାର ଉନ୍ମାଦନା ଓ
ବାର୍ଦ୍ଧକ୍ୟର କାରୁଣ୍ୟ
କେମିତି ପହିଲି ବର୍ଷାରେ ମତୁଆଲା
ମାଟି ଓ ମନର ମିଳନ
କେମିତି ପୁଣି
ଧୁ ଧୁଇଆ ତହ ତହ ଖରାରେ
ସମ୍ପର୍କ ଗଛରୁ ପତ୍ରଝଡା
କେବେ କେବେ
ମଧୁର ବଂଶୀଧ୍ୱନି
କେବେ ପୁଣି କାଳ ଚଇତାଳି
ବର୍ଷା ଶୀତ ଖରାର ମାଡ଼
ତଥାପି ଇଚ୍ଛାମାନେ ହାରିନାହାନ୍ତି
ଏ ଜୀବନର ଯୋଉ ଘରେ ।

ରଫ ଖାତା ପରି ତୁ
ପୃଷ୍ଠା ପରେ ପୃଷ୍ଠା
କେବେ ପାଦ ଟଳମଳ
ପୁଣି ସଳଖି ଠିଆ ହେବାକୁ ଭିଡ଼ିଛୁ ଅଣ୍ଟା
ଦେଖିଛି କେମିତି ପିମ୍ପୁଡି ଧାର ଭଳି
ଲମ୍ବିଥିବା ଜୀବନ ଯୁଦ୍ଧର କ୍ଷେତ୍ରକୁ
କୋଉଠି ଜୀବନ ଜିତିଛି
କୋଉଠି ପୁଣି ହାରି
ପୋଖରୀ କୂଳରେ ଭାଙ୍ଗିଛି
କା ହାତରୁ ପାଣି କାଚ
ପୋଛିଛି ସିମାନ୍ତିନୀର ସୀମାନ୍ତ ଲାଲ ସିନ୍ଦୁର
କବର ନେଇଛି ଅନେକ
ରଙ୍ଗୀନ ସ୍ୱପ୍ନର ସମୂହ ।

ମୁଁ ଜାଣେ ତୁ ବିଦ୍ରୋହ କରିଛୁ
ଭାଗ୍ୟ ସାଥିରେ
ଲିଭେଇବାକୁ ଚେଷ୍ଟା କରିଛୁ
ତୋ କପାଳର ଲେଖାକୁ
ହେଲେ ଏ କଣ ସମ୍ଭବ
ତଥାପି ତୁ ହାରିନୁ
ହୁଏତ କେଉଁଦିନ ହାରୁ ହାରୁ
ଚାଖିବୁ ଜିତିବାର ସ୍ୱାଦ
କାଲିକୁ କିଏ ଦେଖିଛି ?
ଖାଲି ସେଥିଲାଗି ତ ଏ ଜୀବନ ଏମିତି
ନା ନା ଭିତରେ
କଅଁଳି ଉଠେ ଆଶାର ସୁନେଲି କିରଣ
ତେଣିକି ଯେତେ ଅନ୍ଧାର ରାତି ଡରାଉ
ମନ ଜାଣେ ନିଶ୍ଚିତ ଆସିବ
ଗୋଟେ ଦିନ ଚାନ୍ଦିନୀ ଜହ୍ନର ରାତି ।।।




ଶୁରଡିହ, ନନ୍ଦିପୁର, ଯାଜପୁର
ମୋ-୯୭୭୬୨୦୮୯୩୦

# ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେବେ ଆନ୍ଦ୍ରେ ରସେଲ

**ନୂଆଦିଲ୍ଲୀ**



ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି୨୦ ଅନ୍ତର୍ଜାତୀୟ ସିରିଜ୍ ପାଇଁ ୧୬ ଜଣିଆ ଦଳ ଘୋଷଣା କରିଛି, ଯେଉଁଥିରେ ଅଭିଜ୍ଞ ଅଲରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ପ୍ରତ୍ୟାବର୍ତ୍ତନ ପ୍ରଶଂସକଙ୍କ ମନୋବଳ ବୃଦ୍ଧି କରିଛି। ଏହି ସିରିଜ୍ ୱେଷ୍ଟଇଣ୍ଡଜ୍‌ର ଘରୋଇ ମଇଦାନରେ ଖେଳାଯିବ। କିନ୍ତୁ ଏହି ସିରିଜ୍ ସମୟରେ ଆନ୍ଦ୍ରେ ରସେଲ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। କାରଣ ସେ ଅବସର ନେବାର ନିଷ୍ପତ୍ତି ନେଇଛନ୍ତି।

ଇଏସ୍‌ପିଏନ୍ କ୍ରିକଇନ୍‌ଫୋର ରିପୋର୍ଟ ଅନୁଯାୟୀ, ସାବିନା ପାର୍କରେ ହେବାକୁ ଥିବା ପ୍ରଥମ ଦୁଇଟି ମ୍ୟାଚ୍ ପରେ ରସେଲ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। ୨୦୧୯ ଠାରୁ ରସେଲ କେବଳ ଟି୨୦ ଅନ୍ତର୍ଜାତୀୟ ଖେଳାଳି ଅଛନ୍ତି ଏବଂ ଏପର୍ଯ୍ୟନ୍ତ ୮୪ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ୨୦୨୬ ଫେବୃଆରୀରେ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଆଗାମୀ ଟି୨୦ ବିଶ୍ୱକପ ପୂର୍ବରୁ ଏହି ନିଷ୍ପତ୍ତି ନେବାକୁ ସ୍ଥିର କରିଛନ୍ତି। ତାଙ୍କର ଅବସର ୱେଷ୍ଟଇଣ୍ଡିଜ ପାଇଁ ଏକ ବଡ଼ ଝଟ୍‌କା ହେବ। ଏହା ପୂର୍ବରୁ ନିକୋଲାସ ପୁରନ ମଧ୍ୟ ଅବସର ଘୋଷଣା କରିସାରିଛନ୍ତି।

ଆନ୍ଦ୍ରେ ରସେଲ ୱେଷ୍ଟଇଣ୍ଡିଜ ପାଇଁ ୨ଟି ଟି୨୦ ବିଶ୍ୱକପ ଜିତିଛନ୍ତି। ସେ ୨୦୧୨ ଓ ୨୦୧୬ରେ ଟି୨୦ ବିଶ୍ୱକପ ଜିତିଥିବା ୱେଷ୍ଟଇଣ୍ଡିଜ ଦଳର ଅଂଶ ଥିଲେ। ସେ ୱେଷ୍ଟଇଣ୍ଡିଜ ପାଇଁ ମୋଟ ୧ ଟେଷ୍ଟ, ୫୬ ଦିନିକିଆ ଓ ୮୪ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ସେ ୨ ରନ ସଂଗ୍ରହ କରିଛନ୍ତି ଓ ୧ ୱିକେଟ ନେଇଛନ୍ତି। ଦିନିକିଆରେ ତାଙ୍କ ନାମରେ ୧୦୩୪ ରନ ଓ ୭୦ ୱିକେଟ ରହିଛି। ଏହା ବ୍ୟତୀତ ଟି୨୦ରେ ଆନ୍ଦ୍ରେ ରସେଲ ୧୦୭୮ ରନ ସହ ୬୧ ୱିକେଟ ନେଇଛନ୍ତି।

# ବେଙ୍ଗାଲୁରୁ ଦଳାଚକଟା : ଆରସିବି ବିରୋଧରେ ଅପରାଧିକ ମାମଲା

**ବେଙ୍ଗାଲୁରୁ**

କର୍ଣ୍ଣାଟକ ସରକାର ବେଙ୍ଗାଲୁରୁ ଦଳାଚକଟା ମାମଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନ (କେଏସସିଏ) ବିରୋଧରେ ଅପରାଧିକ ମାମଲା ରୁଜୁ ନିମନ୍ତେ ମଞ୍ଜୁରୀ ଦେଇଛନ୍ତି। ଜଷ୍ଟିସ୍ ମାଇକେଲ ଡି' କୁହ୍ନା ଆୟୋଗଙ୍କ ରିପୋର୍ଟକୁ ସ୍ୱୀକାର କରିବା ପରେ କ୍ୟାବିନେଟ୍ ବୈଠକରେ ରାଜ୍ୟସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆୟୋଗ ଏହି ରିପୋର୍ଟରେ ବିଭିନ୍ନ ଅନିୟମିତତା ଓ ତ୍ରୁଟି ଉପରୁ ପର୍ଦ୍ଦା ହଟାଇଛନ୍ତି। ଏହି ଆଧାରରେ ଏବେ କାର୍ଯ୍ୟାନୁଷ୍ଠାନ ହେବ।

ଜଷ୍ଟିସ୍ ମାଇକେଲ ଡି' କୁହ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଆୟୋଗ ଆରସିବି ଓ କେଏସସିଏ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଗହନ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚରେ ଆର୍ଥିକ ଅନିୟମିତତା, ପ୍ରବନ୍ଧନରେ ପାରଦର୍ଶିତାର ଅଭାବ ଓ ଅନ୍ୟ ଗୁରୁତର ଉଲ୍ଲଂଘନର ପ୍ରମାଣ ସାମ୍ନାକୁ ଆସିଛି। ଆୟୋଗ ରିପୋର୍ଟରେ ଏହି ସଙ୍ଗଠନଙ୍କ ଦ୍ୱାରା ନିୟମର ଉଲ୍ଲଂଘନ ଓ ସନ୍ଦିଗ୍ଧ ଗତିବିଧିର ଉଲ୍ଲେଖ ରହିଛି, ଯାହାକୁ ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱର ସହ ଗ୍ରହଣ କରିଛି।



କ୍ୟାବିନେଟ ବୈଠକରେ ଏହି ରିପୋର୍ଟକୁ ସର୍ବସମ୍ମତି ସ୍ୱୀକାର କରାଯିବା ସହ ଏହି ଆଧାରରେ ଆରସିବି ଓ କେଏସସିଏ ବିରୋଧରେ ଅପରାଧିକ ମାମଲା ରୁଜୁ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପଦକ୍ଷେପକୁ ଖେଳ ପ୍ରଶାସନରେ ପାରଦର୍ଶିତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଜୁନ ୪ ତାରିଖରେ ଘଟିଥିବା ଏହି ଘଟଣାରେ ଆରସିବି କ୍ୟାପଟ୍ଟେନ୍ ବିରାଟ କୋହଲୀଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି।

ରିପୋର୍ଟରେ କୁହାଯାଇଛି ଯେ ଏକ ଭିଡିଓରେ ବିରାଟ କୋହଲି ଫ୍ୟାନ୍ସଙ୍କୁ ଫ୍ରିରେ ଭିକ୍ଟ୍ରି ପ୍ୟାରେଡକୁ ଆସିବା ଲାଗି ଅପିଲ କରିଥିଲେ। ରିପୋର୍ଟରେ କୁହାଯାଇଛି ଯେ ଏହି ଇଭେଣ୍ଟର ଆୟୋଜକ ଡିଏନଏ ନେଟୱାର୍କସ୍ ପ୍ରାଇଭେଟ ଲିମିଟେଡ୍ ଜୁନ ୩ ତାରିଖ ଦିନ ପୋଲିସକୁ କେବଳ ସୂଚନା ଦେଇଥିଲା, କିନ୍ତୁ ୨୦୦୯ ଆଦେଶ ଅନୁସାରେ ଜରୁରୀ ଅନୁମତି ନେଇ ନଥିଲା। ଏହି କାରଣରୁ ପୋଲିସ ଇଭେଣ୍ଟ ଅନୁମତି ଦେବାକୁ ମନା କରିଦେଇଥିଲା। ଏହା ସତ୍ତ୍ୱେ ଆରସିବି ଜୁନ ୪ ତାରିଖ ଦିନ ସୋସିଆଲ ମିଡିଆରେ ସାର୍ବଜନିକ ରୂପେ ଇଭେଣ୍ଟର ପ୍ରଚାର କରିଥିଲା।

ରିପୋର୍ଟରେ କୁହାଯାଇଛି ଯେ ଇଭେଣ୍ଟରେ ଆଶାଠାରୁ ଅଧିକ ଲୋକେ ପହଞ୍ଚି ଯାଇଥିଲେ। ଏଣୁ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ଓ ଦଳାଚକଟା ଭଳି ପରିସ୍ଥିତି ଉପୁଜିଥିଲା। ରିପୋର୍ଟରେ ଦାବି କରାଯାଇଛି ଯେ ଇଭେଣ୍ଟରେ ୩ ଲକ୍ଷରୁ ଅଧିକ ଲୋକେ ଏକାଠି ହୋଇଥିଲେ। ଏଥିରେ ଇଭେଣ୍ଟ ଆରମ୍ଭ ହେବା କିଛି ସମୟ ପୂର୍ବରୁ ପାଖାପାଖି ୩ଟା ବେଳେ ଷ୍ଟାଡିୟମରେ ଏଣ୍ଟ୍ରି ନିମନ୍ତେ ପାସ୍ ଜରୁରି ବୋଲି ଘୋଷଣା କରାଯାଇଥିଲା।

ଏହାପରେ ଲୋକଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା ଓ ଭିଡ଼ ଅନିୟନ୍ତ୍ରିତ ହୋଇପଡିଥିଲା। ରିପୋର୍ଟରେ କୁହାଯାଇଛି ଯେ ଆରସିବି, କେଏସସିଏ ଓ ଇଭେଣ୍ଟ ଆୟୋଜକ ଡିଏନଏ ମଧ୍ୟରେ ସମନ୍ୱୟର ଅଭାବ ଥିଲା। ଏଣୁ ଫାଟକ ଖୋଲିବାରେ ବିଳମ୍ବ ଓ ଅବ୍ୟବସ୍ଥା ଯୋଗୁ ଦଳାଚକଟା ହୋଇଥିଲା। ଫଳରେ ୭ ଜଣ ପୋଲିସ୍ କର୍ମଚାରୀ ଆହତ ହୋଇଥିବା ବେଳେ ଅନେକ ଲୋକ ଦଳାଚକଟାରେ ଫଶି ଯାଇଥିଲେ।

# ରାଜ୍ୟ ସ୍ତରୀୟ କିକବକ୍ସିଂ ପ୍ରତିଯୋଗିତା
# ଗଞ୍ଜାମ ଜିଲ୍ଲାକୁ ୧୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଚଳିତ ବର୍ଷ ଅନୁଗୁଳ ଇଣ୍ଡୋର ଷ୍ଟାଡିଅମରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କିକ ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲା ଅଂଶ ଗ୍ରହଣ କରି ୧୪ ସ୍ୱର୍ଣ୍ଣ ପଦକ, ୩ ରୌପ୍ୟ ଏବଂ ୫ ବ୍ରୋଞ୍ଜ ପଦକ ହାସଲ କରିଥିବା ଜଣାପଡ଼ିଛି। କୋଚ୍ ପ୍ରମୋଦ ଅପାତଙ୍କ ନେତୃତ୍ୱରେ ଏହି ସଫଳତା ମିଳିଥିବା ଯାହା ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଆଉ ଗୌରବର ବିଷୟ ପାଲଟିଛି। ଜିଲ୍ଲାର ୧୪ ଗୋଲାଡ଼ ମେଡାଲ (ସ୍ୱର୍ଣ୍ଣ ପଦକ )ମଧ୍ୟରୁ ଗଞ୍ଜାମ ବ୍ଲକ ତଥା ଏନଏସି ଅଞ୍ଚଳର ପ୍ରଶାନ୍ତ ନାହାକଙ୍କ (ବୁଡୁ )ଝିଅ ଇଂଲିଶ ମିଡିୟମ ତୃତୀୟ ଶ୍ରେଣୀ ଛାତ୍ରୀ ପାୟଲ ନାହାକ ଟାଇକୋଣ୍ଡ ଏବଂ କିକ ବକ୍ସିଂ ଉଭୟ ଇଭେଣ୍ଟରେ ଗୋଲ୍ଡ଼ ମେଡ଼ାଲ ହାସଲ କରି ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେହିପରି ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କ ପୁଅ ଇଂଲିଶ ମିଡିୟମ ଦ୍ୱିତୀୟ ଶ୍ରେଣୀ ଛାତ୍ର କଜ୍ଜଳିତ ପାତ୍ର ଟାଇକୋଣ୍ଡରେ ରୌପ୍ୟ ଏବଂ କିକ୍ ବକ୍ସିଂରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତ। କୋଚ ପ୍ରମୋଦ ଅପାତଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ପିଲାମାନଙ୍କୁ ଏହି ସଫଳତା ମିଳିଥିବା ଥାନା ଆଇଆଇସି ପାତ୍ର ଗଣମାଧ୍ୟମକୁ କହିଛନ୍ତ। ବୁଧବାର କୋଚ ଅପାତ ନିଜେ ନ୍ୟାସ୍‌ନାଲ ଖେଳିବାକୁ ରାଇପୁର ଗସ୍ତ କରିଥିବା ବେଳେ ଅଗଷ୍ଟ ମାସରେ ସ୍ୱର୍ଣ୍ଣ ପଦକ ବିଜେତା ପାୟଲ ଓ କଜ୍ଜଳିତ ଚେନ୍ନାଇ ଗସ୍ତ କରିବେ ବୋଲି ସୂଚନା ଦେଇଛନ୍ତି।

## ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୁବର୍ଣ୍ଣପୁର ୬-୦ରେ ବିଜୟୀ, ଢେଙ୍କାନାଳ ସୁନ୍ଦରଗଡ଼ ମ୍ୟାଚ୍ ଡ୍ର

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡ଼ିଆ ଠାରେ ଗୁରୁବାର ୬୪ତମ ସାହାଣୀ କପ୍ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ୍ କମ୍ ନକ୍ ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ଗୁରୁବାର ପ୍ରଥମ ଖେଳରେ ସୁବର୍ଣ୍ଣପୁର ବାଲେଶ୍ୱର ବିପକ୍ଷରେ ଗୋଲର ବର୍ଷା କରି ଏକ ତରଫା ଭାବେ ୬-୦ ଗୋଲରେ ବିଜୟ ଲାଭ କରି ପୂରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୩୪ତମ ମିନିଟରେ ସୁବର୍ଣ୍ଣପୁରର ମିଡ୍ ଫିଲ୍‌ଡର ପପୁ ମାଝୀ ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ବାଲେଶ୍ୱର ଦଳ ଗୋଲ ଦେବାର କେତୋଟି ସୁଯୋଗ ସୃଷ୍ଟି କରିଥିଲେ ହେଁ ଶେଷ ସ୍ପର୍ଶ ଦେବାରେ ବିଫଳ ହୋଇଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳରେ ସୁବର୍ଣ୍ଣପୁର ଘନ ଘନ ଆକ୍ରମଣ କରି ପ୍ରତିପକ୍ଷ ରକ୍ଷଣ ଭଗକୁ ବ୍ୟତିବ୍ୟସ୍ତ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୬ତମ ମିନିଟରେ ସୁବର୍ଣ୍ଣପୁରର ୧୯ ନମ୍ବର ଖେଳାଳି ସଞ୍ଜୟ ଜୋଜ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ ୬୩ତମ ମିନିଟରେ ସେମାନଙ୍କର ରକ୍ଷଣଭାଗ ଖେଳାଳି ସୁଶାନ୍ତ ଜଗତ କର୍ଣ୍ଣର କିକ୍‌ରୁ ଏକ ଦର୍ଶନୀୟ ଗୋଲ ସ୍କୋର କରିଥିବା ବେଳେ ୬୮ତମ ମିନିଟରେ ସୁମିତ ପୁରନ ଚତୁର୍ଥ ଗୋଲ, ୭୬ତମ ମିନିଟରେ ପପୁ ମାଝୀ ପଞ୍ଚମ ଗୋଲ ଏବଂ ଖେଳ ଶେଷ ହୁଇସିଲ ବାଜିବାର ୩ ମିନିଟ ପୂର୍ବରୁ ଭବାନୀ ବେମାଲ ଦଳ ପକ୍ଷରୁ ଅନ୍ତିମ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୬-୦କୁ ବୃଦ୍ଧି କରିଥିଲେ। ଗୁରୁବାର ଅନୁଷ୍ଠିତ ସାହାଣୀ କପ୍‌ର ଏକ ତୀବ୍ର ପ୍ରତିଦ୍ୱନ୍ଦିତା ତଥା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ଖେଳରେ ଢେଙ୍କାନାଳ ଏବଂ ସୁନ୍ଦରଗଡ଼ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଉଭୟ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧ ଖେଳର ୧୨ତମ ମିନିଟରେ ଢେଙ୍କାନାଳର ରାଇଟ ଉଇଁଗର କରଣ କୁଜୁର ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ଖେଳଟି ଢେଙ୍କାନାଳ ସପକ୍ଷରେ ଯିବ ବୋଲି ଦର୍ଶକମାନେ ଆଶା କରୁଥିବା ବେଳେ ୯୦+୩ ମିନିଟରେ ସୁନ୍ଦରଗଡ଼ ପକ୍ଷରୁ ଷ୍ଟ୍ରାଇକର ସରୋଜ ବରାଳ ଗୋଲଟିକୁ ପରିଶୋଧ କରିବା ସହ ଖେଳକୁ ସମାନ ସ୍ତରକୁ ଆଣିଥିଲେ ଏବଂ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲେ।

ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଅତିରିକ୍ତ ଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା ଏବଂ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ କୁମାର ନାଗଭୂଷଣଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀପ କୁମାର ରାମ ପ୍ରମୁଖ ମଞ୍ଚାସୀନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାରର ପ୍ରଥମ ଖେଳରେ ଚକ୍ରଧର ଚାଟାର ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ମହେଶ ପ୍ରଧାନ ଓ ସନ୍ତୋଷ ମହାକୁଡ଼ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଜଗନ୍ନାଥ କହ୍ନର। ସେହିପରି ଦ୍ୱିତୀୟ ଖେଳରେ ଉକ୍‌ଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଶୁଭମ୍ ପାତ୍ର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇ ମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ।

# ଲର୍ଡ୍‌ସରେ ମିଳିଥିବା ପରାଜୟକୁ ଭୁଲି ପାରୁ ନାହାନ୍ତି ଭାରତୀୟ ଖେଳାଳି

**ନୂଆଦିଲ୍ଲୀ**

ଭାରତୀୟ ଟିମ୍ ଲର୍ଡ୍‌ସ ଗ୍ରାଉଣ୍ଡରେ ଇଂଲଣ୍ଡ ହାତରୁ ୨୨ ରନ୍‌ରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ଜିତିବା ପାଇଁ ଭାରତ ହାତରେ ସୁବର୍ଣ୍ଣ ସୁଯୋଗ ଥିଲା। କିନ୍ତୁ ଟିମ୍ ଇଣ୍ଡିଆ ୧୯୩ ରନ୍ ଲକ୍ଷ୍ୟ ହାସଲ କରିପାରିନଥିଲା। ଦ୍ୱିତୀୟ ଇନିଂସରେ କେଏଲ୍ ରାହୁଲ ଓ ରବିନ୍ଦ୍ର ଜାଡ଼େଜାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ରନ୍ କରିପାରି ନ ଥିଲେ। ଭାରତକୁ ଶେଷ ସେସନରେ ବିଜୟ ପାଇଁ ୩୧ ରନ୍ ଆବଶ୍ୟକ ଥିଲା, କିନ୍ତୁ ଲକ୍ଷ୍ୟ ହାସଲ ପୂର୍ବରୁ ହିଁ ସିରାଜ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହି ଇନିଂସରେ ରବିନ୍ଦ୍ର ଜାଡ଼େଜାଙ୍କ ବ୍ୟାଟିଂକୁ ପ୍ରଶଂସା କରାଯାଉଛି। ସେ ୧୮୧ ବଲ୍ ଖେଳି ୬୧ ରନ୍ କରି ଅପରାଜିତ ଫେରିଥିଲେ। ମ୍ୟାଚ୍ ଶେଷର ଦୁଇ ଦିନ ପରେ ଏବେ କେଏଲ୍ ରାହୁଲ୍ ଏକ ଇମୋସନାଲ୍ ପୋଷ୍ଟ ସେୟାର କରିଛନ୍ତି। ଭାରତୀୟ ଓପନର୍ ରାହୁଲଙ୍କ ମତରେ କିଛି ମ୍ୟାଚ୍ ବିଜୟ ଓ ପରାଜୟ ଠାରୁ ବଡ଼ ହୋଇଥାଏ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ଶେଷ ସେସନ୍ ଯାଏଁ ଚାଲିଥିଲା, କିନ୍ତୁ ବେନ୍ ଷ୍ଟୋକ୍ସଙ୍କ ଟିମ୍ ଶେଷରେ ବାଜି ମାରିଥିଲା। କେଏଲ୍ ରାହୁଲ ଲେଖିଛନ୍ତି, "କିଛି ମ୍ୟାଚ୍ ବିଜୟ ଓ ପରାଜୟଠାରୁ ଅଧିକ ହୋଇଥାଏ। ସେମାନେ ଆପଣଙ୍କ ଭାବନା ଓ ଆପଣଙ୍କ ଚରିତ୍ରର ପରୀକ୍ଷା ନିଅନ୍ତି। ଏଥିରୁ ମିଳିଥିବା ଶିକ୍ଷା ଆପଣଙ୍କୁ ଅଧିକ ମଜଭୁତ କରେ।' ତେନ୍ଦୁଲକର-ଆଣ୍ଡରସନ୍ ଟେଷ୍ଟ ସିରିଜରେ କେଏଲ୍ ରାହୁଲ ତିନି ମ୍ୟାଚ୍ ଖେଳି ୩୭୫ ରନ୍ କରିଛନ୍ତି। ସିରିଜ୍‌ରେ ତାଙ୍କ ଆଭରେଜ୍ ୬୨.୫୦ ରହିଛି। ଇଂଲଣ୍ଡ ବିପକ୍ଷରେ ଜାରି ଟେଷ୍ଟ ସିରିଜରେ କେଏଲ୍ ରାହୁଲଙ୍କ ବ୍ୟାଟରୁ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ବାହାରିଛି। ସିରିଜରେ ତାଙ୍କର ସର୍ବୋଚ୍ଚ ୧୩୭ ରନ୍ ରହିଛି। ସିରିଜରେ ସବୁଠୁ ଅଧିକ ରନ୍ ହାସଲ କରିବାରେ ରାହୁଲ ହେଉଛନ୍ତି ଚତୁର୍ଥ ବ୍ୟାଟର।

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପ୍ରବନ୍ଧକଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ଼-ବ୍ରହ୍ମପୁର ରେଳ ସେକ୍ସନ ନିରୀକ୍ଷଣ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଭିତ୍ତିଭୂମି, ସୁରକ୍ଷା ଏବଂ ଯାତ୍ରୀ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଏକ ଉନ୍ନୟନମୂଳକ ଅଭିଯାନରେ, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଆଜି ସମସ୍ତ ଶାଖା ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡ୍-ବ୍ରହ୍ମପୁର ରେଳ ସେକ୍ସନର ନିରୀକ୍ଷଣ କରିଛନ୍ତି।

ରେଳ ସେକ୍ସନର ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ୱିଣ୍ଡୋ ଟ୍ରେଲିଂ, ବିସ୍ତୃତ ଯାଞ୍ଚ ଏବଂ ଭୂମି ସମୀକ୍ଷା ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ପଏଣ୍ଟଗୁଡ଼ିକର ମୂଲ୍ୟାଙ୍କନ ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ସମୟରେ, ଶ୍ରୀ ବାଜୱା ଭାରତୀୟ ରେଳବାଇର ଆଧୁନିକ, ଯାତ୍ରୀ-ଅନୁକୂଳ ଷ୍ଟେସନର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ବିଭିନ୍ନ ଷ୍ଟେସନରେ ଅମୃତ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା।

ନିରୀକ୍ଷଣ ସମୟରେ ବ୍ରହ୍ମପୁର, ବାଲୁଗାଁ, ଇଚ୍ଛାପୁର ଏବଂ ଛତ୍ରପୁର ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରାଯାଇଛି। ବ୍ରହ୍ମପୁରରେ, ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଢାଞ୍ଚାଗତ ଉନ୍ନତି ଏବଂ ମୁଖବନ୍ଧ ବିକାଶ ପାଇଁ ପରାମର୍ଶ ଦିଆଯାଇଛି। ବାଲୁଗାଁ ଷ୍ଟେସନରେ ସର୍କୁଲେଟିଂ ଏରିଆ ଏବଂ ପ୍ଲାଟଫର୍ମ ପୃଷ୍ଠରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ଇଚ୍ଛାପୁରରେ ଅପେକ୍ଷା କ୍ଷେତ୍ରର ଆଧୁନିକୀକରଣ ଏବଂ ଉନ୍ନତ ଆଲୋକ ବ୍ୟବସ୍ଥା କାର୍ଯ୍ୟ ଚାଲୁରହିଛି। ସେହିଭଳି ଛତ୍ରପୁରରେ ନୂତନ ଛାତ ଏବଂ ବର୍ଦ୍ଧିତ ସାଇନେଜ୍ ଉପରେ ମଧ୍ୟ କାର୍ଯ୍ୟ ଚାଲୁରହିଛି। ଏହି ବିକାଶଗୁଡ଼ିକ ଅମୃତ ଭାରତ ପଦକ୍ଷେପ ଅଧୀନରେ ଷ୍ଟେସନ ଗୁଡ଼ିକୁ ଆଧୁନିକ, ଯାତ୍ରୀ-ଅନୁକୂଳ କେନ୍ଦ୍ରରେ ପରିଣତ କରିବାରେ ନିର୍ମାଣ କାର୍ଯ୍ୟର ଗତିକୁ ପ୍ରତିଫଳିତ କରୁଅଛି।

ଡିଆରଏମ ମଧ୍ୟ ଅଧିକାରୀ ମାନଙ୍କୁ ବିଚାରାଧୀନ ଭିତ୍ତିଭୂମି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ, ସୁରକ୍ଷା ମାନଦଣ୍ଡର କଡ଼ା ପାଳନ ସୁନିଶ୍ଚିତ କରିବାକୁ ଏବଂ ଷ୍ଟେସନଗୁଡ଼ିକର ପରିଷ୍କାର ଏବଂ ରକ୍ଷଣାବେକ୍ଷଣକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ, ବିଶେଷକରି ଅମୃତ ଷ୍ଟେସନ ପୁନଃବିକାଶ କାର୍ଯ୍ୟକ୍ରମ ଅଧୀନରେ ଥିବା ଷ୍ଟେସନ ଗୁଡିକରେ। ଏହି ଯାଞ୍ଚଗୁଡ଼ିକ କେବଳ ନିୟମିତ ନୁହେଁ - ଏହା ରେଳବାଇ ପ୍ରଣାଳୀର ଏକ ସ୍ପନ୍ଦନ ଯାଞ୍ଚ ଯାହା ଉପରେ ଲକ୍ଷ ଲକ୍ଷ ଲୋକ ପ୍ରତିଦିନ ନିର୍ଭର କରନ୍ତି। ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ବାଜୱାଙ୍କ ଦ୍ୱାରା ଏପରି ଯାଞ୍ଚ ରେଳବାଇର ଦକ୍ଷତା, ସୁରକ୍ଷା, ନିରାପତ୍ତା ଏବଂ ସେବା ଗୁଣବତ୍ତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି।

# ଚର୍ଚ୍ଚାରେ ମହମ୍ମଦ ଶାମିଙ୍କ ସାବତ ଝିଅ ଅର୍ଶୀ ଜାହାଁ

**ନୂଆଦିଲ୍ଲୀ**

ଅନେକ ସମୟରେ ହସିନ ଜାହାଁଙ୍କ ବିଷୟରେ ଖବର ଆସିଥାଏ। ହେଲେ ଏବେ ଭିନ୍ନ କାରଣକୁ ନେଇ ଟିମ୍ ଇଣ୍ଡିଆର ଫାଷ୍ଟ ବୋଲର ମହମ୍ମଦ ଶାମିଙ୍କ ସାବତ ଝିଅ ଅର୍ଶୀ ଜାହାଁ ଚର୍ଚ୍ଚାରେ। କାରଣ ଏବେ ତାଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ହତ୍ୟା ଉଦ୍ୟମ ମାମଲା ପାଇଁ ଖବରରେ ଅଛନ୍ତି। ଅର୍ଶୀ ଖାନଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ମହମ୍ମଦ ଶାମି ହେଉଛନ୍ତି ହସିନ ଜାହାଁଙ୍କ ଦ୍ୱିତୀୟ ସ୍ୱାମୀ। ତାଙ୍କ ପ୍ରଥମ ସ୍ୱାମୀଙ୍କ ନାମ ଶେଖ ସୈଫୁଦ୍ଦିନ, ଯାହାଙ୍କୁ ସେ ୨୦୦୨ ମସିହାରେ ବିବାହ କରିଥିଲେ। ହସିନ ଜାହାଁଙ୍କ ପ୍ରଥମ ବିବାହରୁ ଦୁଇଟି ଝିଅ ଥିଲେ, ଯାହା ମଧ୍ୟରୁ ଜଣେ ହେଉଛନ୍ତି ଅର୍ଶୀ। ଅର୍ଶୀଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ହସିନ-ଅର୍ଶୀ ଏବଂ ଜଣେ ପଡ଼ୋଶୀଙ୍କ ମଧ୍ୟରେ ହୋଇଥିବା ଝଗଡ଼ା ସହିତ ଜଡିତ। ଏହି ସମ୍ବନ୍ଧୀୟ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେଉଛି, ଯେଉଁଥିରେ ହସିନ ଜାହାଁଙ୍କୁ ଜଣେ ମହିଳାଙ୍କ ସହିତ ଝଗଡ଼ା କରୁଥିବାର ଦେଖିବାକୁ ମିଳୁଛି। ଏହି ମାମଲାରେ ପୋଲିସ ହସିନ ଏବଂ ଅର୍ଶୀଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମାମଲା ହାତାହାତି ପର୍ଯ୍ୟନ୍ତ ଯିବା ପଛରେ କାରଣ ହେଉଛି ଜମିର ଅବୈଧ ଦଖଲ। ଯେତେବେଳେ ତାଙ୍କ ପଡ଼ୋଶୀମାନେ ଏହାକୁ ବିରୋଧ କରିଥିଲେ ଦୁହେଁ ସେମାନଙ୍କ ସହିତ ଝଗଡ଼ା କରିଥିଲେ। ଏହି ମାମଲା କୋର୍ଟରେ ପହଞ୍ଚିଥିଲା। ଅର୍ଶୀ ହେଉଛନ୍ତି ମହମ୍ମଦ ଶାମିଙ୍କ ସାବତ ଝିଅ। କିନ୍ତୁ ୧୦ ବର୍ଷ ବୟସ୍କା ଆୟରା ହେଉଛନ୍ତି ତାଙ୍କ ନିଜ ଝିଅ। ଶାମି ଏବଂ ହସିନ ଜାହାଁ ଅଲଗା ହେବା ପରଠାରୁ, ଆୟରା ପ୍ରାୟତଃ ତାଙ୍କ ମାଆ ହସିନଙ୍କ ସହିତ ରୁହନ୍ତି।

E-Mail I.D.-eerbjspr@gmail.com
OFFICE OF THE SUPERINTENDING ENGINEER
JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
('e' PROCUREMENT NOTICE)
B-310
Bid Identification No. S.E. JSP(R&B)-07 of 2025-26
TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Building works as mentioned below.
2. No. of Work :- 02 No.
3. Nature of work :- Civil & E.I work
4. Class of Contractor :- "B"
5. Tender Paper Cost :- Rs. 6,000.00/- (Online)
6. Available of bid documents in the website :- From 21/07/2025 to 5.00 PM of 03/08/2025
7. Date of Opening of Bid :- 11.00 AM of 04/08/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/- (Er Sarbendu Sutar)
Superintending Engineer
Jagatsinghpur (R&B) Division
OIPR-34093/11/0026/2526

E-Mail:rw.kamakhyanagar@yahoo.co.in
Government of Odisha
Office of the Superintending Engineer, Rural Works Division-II, Dhenkanal: Kamakhyanagar
O-437
e-procurement Notice No.05/Building Work / 2025-26.

1. Name of the work : Building Work
2. Total No. of Works : 1 (One) No.
3. Tender Cost : Rs.40.06 Lakhs
4. Class Contractor : "B" Class
5. Period of Completion : 3 calendar months
6. Availability of Tender online for bidding :22.07.2025 at 11.00 A.M to 01.08.2025 up to 5.00 P.M
7. Last Date & Time of seeking tender clarification :30.07.2025 upto 4.00 PM
8. Date & Time of opening of Bid :02.08.2025. at 11.00 AM

Other Details can be seen from the website http://tendersorissa.gov.in.

Sd/- Superintending Engineer
R.W. Division-II, Dhenkanal.
Kamakhyanagar
OIPR-25094/11/0028/2526

CDA
CAD-1162
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-10ରେ ପ୍ଲଟ୍ ନଂ-4ଡି-1022ଟିକୁ ଶ୍ରୀ ମନୋରଂଜନ ଦେବନାଥ, ପି-ସ୍ୱର୍ଗତ ଲଳିତ ମୋହନ ଦେବନାଥ, ସା-କ୍ୱାର୍ଟର ନଂ-ବି-107, ସେକ୍ଟର-13, ସା/ପୋ-ରାଉରକେଲା, ଜି-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ମନୋରଂଜନ ଦେବନାଥଙ୍କ ମୃତ୍ୟୁ ପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ପୁତ୍ର ଶ୍ରୀ ରାଜିବ କୁମାର ଦେବନାଥ, ଶ୍ରୀ ସଂଜୀବ କୁମାର ଦେବନାଥ ଏବଂ ଝିଅ ସୀପ୍ରା ଦେବନାଥ, ସା-ପ୍ଲଟ୍ ନଂ-4ଡି-1022, ସେକ୍ଟର-10, ପୋ-ଫେଜ୍-2, ସିଡିଏ, ଥାନା-ମର୍କତନଗର, ଜି-କଟକ ଉକ୍ତ ପ୍ଲଟ୍ ସହ ଗୃହଟିକୁ ଉତ୍ତରାଧିକାର ସୂତ୍ରରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0319/2526 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

CDA
CAD-1140
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-10ରେ ପ୍ଲଟ୍ ନଂ-106D/1516ଟିକୁ ⁄ଅନସୂୟା ସାହୁ, ସ୍ୱାମୀ-ଶ୍ୟାମ ସୁନ୍ଦର ସାହୁ, ସା-ପ୍ଲଟ୍ ନଂ-106D/1516, ସେକ୍ଟର-10, ପୋ/ଥା-ମର୍କତନଗର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ⁄ଅନସୂୟା ସାହୁଙ୍କ ମୃତ୍ୟୁ ପରେ ତାଙ୍କ ନ୍ୟାୟିକ ଉତ୍ତରାଧିକାରୀ ସ୍ୱାମୀ ଶ୍ୟାମ ସୁନ୍ଦର ସାହୁ, ପିତା-⁄ଅରକ୍ଷିତ ସାହୁ, ସା-ସିଦ୍ଧେଶ୍ୱର ସାହି, ପୋ-ତୁଳସୀପୁର, ଥା-ଲାଲବାଗ, ଜିଲ୍ଲା-କଟକଙ୍କୁ ଉକ୍ତ ପ୍ଲଟ୍ ସହ ଗୃହଟିକୁ ଉତ୍ତରାଧିକାର ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0318/2526 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OFFICE OF THE NOTIFIED AREA COUNCIL, GUDARI
(ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ)
DIST. – RAYAGADA, PIN CODE – 765026
e-Mail ID : gudarin.hud@od.gov.in, gudarinac.hud@gmail.com

No. 956 /2025 Date 16.07.2025 C-677
"e" - TENDER NOTICE
Bid Identification No. GUD-NAC-01/2025-26

Bid documents consisting of 05 (Five) No. of Civil Work with their Estimated Cost (Work Value) Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

| | | |
|---|---|---|
| 1 | Name of the Work | Civil Works as mentioned in the website. |
| 2 | No of the work | 05 (Five) No. |
| 3 | Estimated costs | As mentioned in the DTCN |
| 4 | Periods of the completion | As mentioned against the work in the NIT / DTCN. |
| 5 | Date & Time of Availability of Bid Documents on the Portal | From Dated : 17.07.2025 , 11:30 A.M hrs<br>To Dated : 29.07.2025 , 05:30 P.M hrs |
| 6 | Bids received online to be opened on | Dated 30.07.2025, 11:30 P.M hrs |
| 7 | Name and Address of the Officer inviting the Bid | The Executive Officer, Gudari NAC, Gudari |

Further details can be seen from the Procurement Portal http://tendersodisha.gov.in.

OIPR-13184/11/0006/2526 Sd/- Executive Officer , Gudari NAC

OFFICE OF DISTRICT MANAGER
CAD-1167
ODISHA STATE CIVIL SUPPLIES CORPORATION LTD. KHORDHA
District Website: www.khordha.odisha.gov.in
Tender No. 3991 to 4004 Dt. 15.07.2025
District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs To Retails Centers(FPS) of all 14 No. unit of Khordha district |
| 2 | Availability of bid document in the portal | From 17.07.2025 |
| 3 | Last Date / Time for receipt of bids in the portal | Dt 31.07.2025 up to 5.30 PM |
| 4 | Date/Time of Opening of Technical Bid | Dt 01.08.2025 at 11.30AM |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents& other details can be seen from the e-procurement portal www.oscsc.in,/www.foododisha.in & www.tendersodisha.gov.in along with district website. Amendments /corrigendum/cancellation/ retenders etc. if anyshall be published only in above websites.

OIPR-07050/11/0002/2526
Sd/- CSO-cum-District Manager
O.S.C.S.C Ltd., Khordha

ଭୁବନେଶ୍ୱର
୧୮ ଜୁଲାଇ,
ଶୁକ୍ରବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଇଗ୍ନୋରେ ପଢ଼ା ହେବ 'ବାଲୁକା କଳା'

**ଭୁବନେଶ୍ୱର,୧୭/୦୭**
**ନ୍ୟୁଜ ବ୍ୟୁରୋ**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ପଢ଼ା ହେବ 'ବାଲୁକା କଳା' ପାଠ୍ୟକ୍ରମ । ଏହି ପାଠ୍ୟକ୍ରମ ଅନ୍‌ଲାଇନ ମାଧ୍ୟମରେ ପଢ଼ାଯିବ । ଇଗ୍ନୋ ପକ୍ଷରୁ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସହଭାଗିତାରେ ୨ଟି କୋର୍ସକୁ ଲୋକାର୍ପିତ କରାଯାଇଛି । 'ବାଲୁକା କଳାର ପରିଚୟ' ଓ 'ବାଲୁକା କଳାର ନୀତି ଓ ଶୈଳୀ' ପାଠ୍ୟକ୍ରମ ଆରମ୍ଭ ହୋଇଛି । ଏହି ପାଠ୍ୟକ୍ରମ ଶିକ୍ଷା ମନ୍ତ୍ରଣାଳୟର ସ୍ୱୟମ୍ ପ୍ଲାଟଫର୍ମ www.onlinecourses.swayam2.ac.inରେ ଉପଲବ୍ଧ ହେବ । ଇଚ୍ଛୁକ ଶିକ୍ଷାର୍ଥୀମାନେ ସ୍ୱୟଂ




ପ୍ଲାଟଫର୍ମରେ ନିଜର ନାମ ପଞ୍ଜୀକରଣ କରିପାରିବେ । ସେପ୍ଟେମ୍ବର ୧୫ ତାରିଖ ଯାଏ ଅନ୍‌ଲାଇନ ପଞ୍ଜୀକରଣର ସୁଯୋଗ ରହିଛି । ଏହି ପାଠ୍ୟକ୍ରମ ନଭେମ୍ବର ୧୫ ତାରିଖ ଯାଏ ଚାଲିବ । ଦୁଇଟି ଯାକ ପାଠ୍ୟକ୍ରମ ଶିକ୍ଷାର୍ଥୀଙ୍କୁ ବାଲୁକା କଳାର ମୌଳିକ ତତ୍ତ୍ୱ ସହ ପରିଚିତ କରାଇବ।

ଇଗ୍ନୋରେ ଚାଲିଥିବା ଜୁଲାଇ-୨୦୨୫ ଶିକ୍ଷା ଅଧିବେଶନ ପାଇଁ ନାମଲେଖା ଅବଧିକୁ ଆସନ୍ତା ୩୧ ତାରିଖ ଯାଏ ବୃଦ୍ଧି କରାଯାଇଛି । ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା, ସାର୍ଟିଫିକେଟ୍ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି । ଏନେଇ ସମସ୍ତ ସୂଚନା ପାଇଁ www. ignou.ac.in ଓ ଫୋନ୍ ନମ୍ବର ୦୬୭୪-୨୯୭୧୦୭୧ରେ ଯୋଗାଯୋଗ କରିପାରିବେ ବୋଲି ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ପୁରୀ ଓ କୋଣାର୍କରେ ଓଡ଼ିଶା ବନ୍ଦର ପ୍ରଭାବ : କମିଲା ଭକ୍ତଙ୍କ ସମାଗମ

**ପୁରୀ, ୧୭/୭ ନ୍ୟୁଜ ବ୍ୟୁରୋ**

ଯେଉଁଠି ସକାଳରୁ ସନ୍ଧ୍ୟା ଭକ୍ତଙ୍କ ଗହଳି ଚହଳିରେ ଫାଟି ପଡୁଥିଲା ଗୁରୁବାର ତାହା ନିଶବ୍ଦ ହୋଇଯାଇଛି । ଓଡ଼ିଶା ବନ୍ଦର ପ୍ରଭାବରେ ଖାଁ ଖାଁ ଶ୍ରୀମନ୍ଦିର ଓ ବଡଦାଣ୍ଡ ଦେଖିବାକୁ ମିଳିଛି । ଗାଡି ଚଳାଚଳ ବନ୍ଦ ରହିଥିବାରୁ ପୁରୀରେ ପର୍ଯ୍ୟଟକ ଓ ଭକ୍ତଙ୍କ ସମାଗମ କମିଛି । ଓଡ଼ିଶା ବନ୍ଦ ଯୋଗୁଁ ପୁରୀରେ ସକାଳୁ ଦୋକାନ ବଜାର ବନ୍ଦ ରହିଥିଲା । ବସ୍ ଚଳାଚଳ ବନ୍ଦ ରହିଥିଲା ବେଳେ ରେଲୱେ ଷ୍ଟେସନରେ ରେଳ ଚଳାଚଳ ସ୍ୱାଭାବିକ ରହିଥିଲା । ବନ୍ଦର ପ୍ରଭାବ ଶ୍ରୀମନ୍ଦିର ଉପରେ ପଡ଼ିଥିବା ଦେଖିବାକୁ ମିଳିଛି । ସକାଳୁ ସକାଳୁ ମଙ୍ଗଳ ଆଳତି ଦର୍ଶନ ପାଇଁ ପ୍ରତିଦିନ ୧୦ ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ଗୁରୁବାର କିନ୍ତୁ ଭକ୍ତଙ୍କ ଆଗମନ କମ ରହିଥିଲା । ବସ୍ ଚଳାଚଳ ବନ୍ଦ ଥିବାରୁ ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ଆଗମନ କମ୍ ରହିଥିଲା । କେବଳ ଟ୍ରେନରେ ପର୍ଯ୍ୟଟକ ଓ ଭକ୍ତଙ୍କ ଆଗମନ ହୋଇଥିଲା ।

ଶ୍ରୀମନ୍ଦିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଘନଶ୍ୟାମ ହେମ୍ବ୍ରମ ପ୍ରତିକ୍ରିୟାରେ କହିଛନ୍ତି, ' ଓଡ଼ିଶା ବନ୍ଦ ହେତୁ ପୁରୀକୁ ଶ୍ରଦ୍ଧାଳୁଙ୍କ ଆଗମନ କମ ରହିଥିଲା । ବୁଧବାର ଠାରୁ ପୁରୀକୁ ଆସିଥିବା ଭକ୍ତ ମାନେ ସକାଳୁ ଦର୍ଶନ କରିଛନ୍ତି । ତେବେ ସକାଳ ସମୟ ଛାଡି ଦେଲେ ଭକ୍ତଙ୍କ ମନ୍ଦିରକୁ ଆଗମନ ସଂଖ୍ୟା କମ୍ ଥିବା ଦେଖିବାକୁ ମିଳିଛି ।

ସେହିପରି ଏହି ବନ୍ଦର ସିଧାସଳଖ ପ୍ରଭାବ କୋଣାର୍କରେ ପଡିଛି । ବିଶେଷ କରି କୋଣାର୍କ ସୂର୍ଯ୍ୟ ମନ୍ଦିର ସମେତ କୋଣାର୍କ ବଜାର ବନ୍ଦ ରହିଥିବା ବେଳେ ଗାଡି ଚଳାଚଳ ବନ୍ଦ ରହିଥିଲା ।



ଏକ ପ୍ରକାର କୋଣାର୍କ ପରିସର ଖାଁ ଖାଁ ଦେଖିବାକୁ ମିଳିଥିଲା । ଓଡ଼ିଶା ବନ୍ଦ ଯୋଗୁ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନେ ଫେରୁଥିବା ବେଳେ ସ୍କୁଲ କଲେଜ, ଦୋକାନ ବଜାର ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ରହିଥିବା ଦେଖିବାକୁ ମିଳିଛି ।

# ସୋମବାର ଶପଥ ନେବେ ଜଷ୍ଟିସ୍ ମାନସ ରଞ୍ଜନ ପାଠକ





**କଟକ,୧୭/୦୭**
**ନ୍ୟୁଜ ବ୍ୟୁରୋ**

ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଆସନ୍ତା ୨୧ ତାରିଖ ସୋମବାର ଦିନ ୧୦ଟା ସମୟରେ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ଶପଥ ଗ୍ରହଣ କରିବେ । ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ତାଙ୍କୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଶପଥ ପାଠ କରାଇବେ । ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ସଂଖ୍ୟା ୨୦ରେ ପହଞ୍ଚିବ । ଶ୍ରୀ ପାଠକଙ୍କ ବଦଳି ନେଇ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଗତ ମେ' ୨୭ରେ ସୁପାରିସ୍ କରିଥିଲେ । ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିବା ପରେ ଗତ ୧୪ ତାରିଖରେ ଏ ସଂକ୍ରାନ୍ତରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ମହିଳାଙ୍କ ଦେହରେ ଲାଗିଲା ନିଆଁ : ବାଲେଶ୍ୱରରୁ କଟକ ସ୍ଥାନାନ୍ତରିତ

**ବାଲେଶ୍ୱର, ୧୭/୭ ନ୍ୟୁଜ ବ୍ୟୁରୋ**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୂତି ଓ ମୃତ୍ୟୁ ଘଟଣା ନେଇ ରାଜ୍ୟରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଥିବା ବେଳେ ଗୁରୁବାର ଜଣେ ମହିଳାଙ୍କ ଦେହରେ ନିଆଁ ଲାଗିବାରୁ ସେ ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ ସହଦେବଖୁଣ୍ଟା ଥାନା ଏଡିଏମ୍ ଛକ ନିକଟରେ ରହୁଥିବା ଜଣେ ମହିଳାଙ୍କ ଦେହରେ ଗୁରୁବାର ଅପରାହ୍ଣରେ ନିଆଁ ଲାଗିଥିଲା । ଏନେଇ ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ତାଙ୍କୁ ଉଦ୍ଧାର କରିଥିଲା । ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଖାନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସଂପୃକ୍ତ ମହିଳାଙ୍କ ଶରୀର ୭୦ ପ୍ରତିଶତ ପୋଡ଼ିଯାଇଛି । ସ୍ଥିତି ଗୁରୁତର ଥିବାରୁ ତାଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି ।

# କିସ୍ କାର୍ଯ୍ୟକୁ ପ୍ରଶଂସା: ଜାତିସଂଘ ରେକର୍ଡରେ ସ୍ଥାନୀତ



**ଭୁବନେଶ୍ୱର, ୧୭ ।୭ ନ୍ୟୁଜ ବ୍ୟୁରୋ**

ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରମାଣ-ଆଧାରିତ ଶିକ୍ଷା ମାଧ୍ୟମରେ ଜନଜାତି ଭବିଷ୍ୟତକୁ ସଶକ୍ତ କରିବାରେ ଅଗ୍ରଣୀ କାର୍ଯ୍ୟ ପାଇଁ କିସ୍ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ(ଇକୋସକ୍) ଉଚ୍ଚସ୍ତରୀୟ ସେଗମେଣ୍ଟ ଦ୍ୱାରା ରେକର୍ଡରେ ସ୍ଥାନିତ ହୋଇଛି । ଚଳିତମାସ ଇକୋସକ୍ ର ସାଧାରଣ ଅଧିବେଶନରେ ଜନଜାତି ବିଷୟରେ ଆଲୋଚନା କାଳରେ କିସ୍ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା ସହ ଏହା ଜାତିସଂଘ ରେକର୍ଡରେ ସ୍ଥାନୀତ ହୋଇଛି । ବିଶ୍ୱର ସବର୍ବୃହତ ଜନଜାତି ଅନୁଷ୍ଠାନ ଭାବରେ ସ୍ୱୀକୃତି ପାଇଥିବା କିସ୍‌ର ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ ଦିଗରେ ଉଲ୍ଲେଖନୀୟ ଯୋଗଦାନ ସହ କିସ୍ ଏକ ସୃଜନଶୀଳ ଶୈକ୍ଷିକ ମଡ଼େଲର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିପାରିଛି । କିସ୍ ଜନଜାତି ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ସହ ଡିଜିଟାଲ୍ ସଶକ୍ତିକରଣ ଏବଂ ଜଳବାୟୁ ସ୍ଥିରତା ଉପରେ ଶିକ୍ଷା ପ୍ରଦାନ କରୁଛି । ଜନଜାତି ପିଲାମାନଙ୍କୁ ସେମାନଙ୍କ ସ୍ଥାନୀୟ ଚାଲେଞ୍ଜର ମୁକାବିଲା ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯାଉଛି । ୟୁନେସ୍କୋ ପୁରସ୍କୃତ ମାତୃଭାଷା ପର୍ଯ୍ୟବେସିତ ବହୁ-ଭାଷୀ ଶିକ୍ଷା ମାଧ୍ୟମରେ ପ୍ରାଥମିକସ୍ତରରେ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିପାରୁଛି ବୋଲି ଜାତିସଂଘର ରେକର୍ଡରେ ଉଲ୍ଲେଖ କରାଯାଇଛି । ଜନଜାତି ସଂପ୍ରଦାୟ ମଧ୍ୟରେ ପରିବର୍ତ୍ତନ ଆଣିବା, ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ପ୍ରଦାନ କରିବାରେ କିସ୍ ବିଶ୍ୱର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ । କିସ୍ ୧୩ଟି ବିଶେଷ ଭାବରେ ଦୁର୍ବଳ ଜନଜାତି ସମ୍ପ୍ରଦାୟ ସମେତ ୬୪ଟି ଜନଜାତିର ପ୍ରାୟ ୮୦ ହଜାର ଜନଜାତି ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ଜୀବନ କୌଶଳ, ଦକ୍ଷତା ବିକାଶ, କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ ଏବଂ ଜଳବାୟୁ ସ୍ଥିରତା ଉପରେ ତାଲିମ ପ୍ରଦାନ କରିଆସୁଛି । ଫଳରେ ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ସଶକ୍ତ କରାଯାଇପାରୁଛି । କିସ୍ ଏକ ଅଭିନବ ଶିକ୍ଷା ମଡେଲ ଭାବରେ ଜାତିସଂଘର ଏସଡିଜି ୧, ୨, ୩, ୪, ୫, ୧୦, ୧୩, ୧୬ ଓ ୧୭ରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ଆସିଛି ବୋଲି ଜାତିସଂଘ ରେକର୍ଡରେ ଉଲ୍ଲେଖ କରାଯାଇଛି । ସେହିପରି ସ୍ଥାୟୀ, ଅନ୍ତର୍ଭୁକ୍ତ ଏବଂ ପ୍ରମାଣ-ଭିତ୍ତିକ ସମାଧାନକୁ ଆଗକୁ ବଢ଼ାଇବା କ୍ଷେତ୍ରରେ କିସ୍ କାର୍ଯ୍ୟ କରୁଛି ବୋଲି ଜାତିସଂଘ ରେକର୍ଡରେ ସ୍ଥାନିତ ହୋଇଛି । ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍ ବିଷୟରେ ଜାତିସଂଘରେ ସର୍ବଦା ଆଲୋଚନା ହେବା ସହ ଏହାର ରେକର୍ଡ ରହୁଛି । ଏହା ଜନଜାତି ତଥା ଓଡ଼ିଶା ପାଇଁ ଗର୍ବ ଓ ଗୌରବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ କିସ୍‌କୁ ୨୦୧୫ରେ ଜାତିସଂଘର ଇକୋସକ୍ ଷ୍ଟାଟସ୍ ମିଳିଛି ଏବଂ ବର୍ତ୍ତମାନ ଏହା ଚାଲୁ ରହିଛି । ଏହା ବ୍ୟତୀତ ୨୦୨୨ରେ କିସ୍‌କୁ ଜାତିସଂଘର ସର୍ବୋଚ୍ଚ ପୁରସ୍କାର ୟୁନେସ୍କୋ ଲିଟେରାରୀ ସମ୍ମାନ ପ୍ରଦାନ କରାଯାଇଛି । ଚଳିତବର୍ଷ କିସ୍ ଟାଇମ୍ସ ହାୟର ଏଜୁକେସନ ଇମ୍ପାକ୍ଟ ଗ୍ଲୋବାଲ ରାଙ୍କିଙ୍ଗରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଜନଜାତି ଜୀବନଶୈଳୀ, ଜନଜାତି ଆଇନଗତ ଅଧ୍ୟୟନ, ଜନଜାତି ସମ୍ବଳ ପରିଚାଳନା ଆଦି ୭ଟି ଅଭିନବ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଓ ଐତିହ୍ୟର ମୌଳିକତାକୁ ବଜାୟ ରଖାଯାଉଛି । ଏହା ବ୍ୟତୀତ କୌଣସି ଆନୁଷ୍ଠାନିକ ଶିକ୍ଷା ନଥିବା ଜନଜାତି ବିଶେଷଜ୍ଞ ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଭାବେ ନିଯୁକ୍ତି ଦିଆଯାଇ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାରମ୍ପରିକ ଶିକ୍ଷା ପ୍ରଦାନ କରାଯାଇଥାଏ ।



ଭୁବନେଶ୍ୱର : ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମଦାହ ଘଟଣାର ପ୍ରତିବାଦରେ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ କରାଯିବା ଅବସରରେ ରାଜଧାନୀରେ ବନ୍ଦ୍‌ର ପ୍ରଭାବ । (ଫଟୋ : ସମ୍ବାଦ କଳିକା)

# ମୁଦ୍ରା ନୀତି କମିଟି ବୈଠକରେ ରେପୋ ରେଟ୍ କମାଇବ ଆରବିଆଇ

**ନୂଆଦିଲ୍ଲୀ,୧୭/୦୭**

ଜୁନ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୨.୧%କୁ ହ୍ରାସ ହୋଇଛି । ଦରଦାମ ଚିନ୍ତାରୁ ଘରୋଇ ବଜାରକୁ ମୁକ୍ତି ମିଳିଛି । ଏଭଳି ସ୍ଥିତିରେ ଋଣ ଉପରେ ସୁଧହାର ଆହୁରି କମିପାରେ । ଅଗଷ୍ଟ ମାସରେ ଅନୁଷ୍ଠିତ ହେବାକୁ ଥିବା ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ଆରବିଆଇ ରେପୋ ରେଟ୍ କମାଇବାର ଢ଼େର ସମ୍ଭାବନା ରହିଛି ।


ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲ୍‌ହୋତ୍ରା କହିଛନ୍ତି, ଏବେ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ହ୍ରାସ ଉପରେ କୌଣସି ନିଷ୍ପତ୍ତି ଗ୍ରହଣ କରିନି । ମାତ୍ର ଆବଶ୍ୟକତା ପଡ଼ିଲେ ଏହା ହ୍ରାସ ହୋଇପାରେ । ଜୁନ ମାସରେ ରେପୋରେଟ ୦.୫% ହ୍ରାସ ହୋଇ ୫.୫୦%କୁ ଖସିଥିଲା । ଫେବ୍ରୁୟାରୀରୁ ଅଦ୍ୟାବଧି ୧% ଖସିଛି ରେପୋ । ରେପୋ ନିଷ୍ପତ୍ତି ପୂର୍ବରୁ ଭବିଷ୍ୟତର ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ନଜରରେ ରଖାଯିବ । ଜିଡ଼ିପି ପ୍ରଦର୍ଶନ ଉନ୍ନତ ରହିଲେ ସୁଧହାର ହ୍ରାସ ହୋଇପାରେ ।

# ସୋସିଆଲ ମିଡିଆରେ ପରିବାରକୁ ଆକ୍ଷେପ : ଥାନାରେ ଏତଲା ଦେଲେ ଏଫଏମ ମୃତ ଛାତ୍ରୀଙ୍କ ଭାଇ

**ଭୋଗରାଇ,୧୭ ।୭**
**ନ୍ୟୁଜ ବ୍ୟୁରୋ**

ସୋସିଆଲ ମିଡ଼ିଆରେ ଅଶାଳୀନ ମନ୍ତବ୍ୟ ନେଇ ଭୋଗରାଇ ଥାନାର ଦ୍ୱାରସ୍ଥ ହେଲେ ଏଫଏମ ମୃତ ଛାତ୍ରୀଙ୍କ ଭାଇ । ଭୋଗରାଇ ଥାନାର ଆଇଆଇସିଙ୍କୁ ଦେଲେ ଏତଲା । ୪ ଜଣଙ୍କ ନାମରେ ସେ ଅଭିଯୋଗ କରିଛନ୍ତି ।

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ସହିତ ଘଟିଥିବା ଘଟଣାକୁ ନେଇ କିଛି ବ୍ୟକ୍ତି ସୋସିଆଲ ମିଡିଆରେ ପରିବାର ଲୋକଙ୍କୁ ଆକ୍ଷେପ କରି ବିଭିନ୍ନ ପୋଷ୍ଟ କରିଥିଲେ । ଏ ନେଇ ମୃତ ଛାତ୍ରୀଙ୍କ ଭାଇ ସୌମ୍ୟାରଞ୍ଜନ ବିଶି ଭୋଗରାଇ



ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଗୁରୁତ୍ୱ ଦେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଗତ ୧୨ ତାରିଖରେ କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା । ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲା । ଗତ ସୋମବାର ରାତିରେ ସେ ଆଖି ବୁଜିଥିଲେ । ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରେ ଥିବା ତାଙ୍କ ଜନ୍ମମାଟିରେ ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ଘଟଣାରେ ଏଫ୍‌ଏମ୍ କଲେଜ ଅଧକ୍ଷ ଓ ଏଚଓଡିଙ୍କୁ ଉଚ୍ଚଶିକ୍ଷା ବିଭାଗ ନିଲମ୍ବିତ କରିଥିଲା । ଏଥିସହ ପୁଲିସ ଏଚଓଡି ସମୀର ସାହୁ ଓ କଲେଜ ଅଧକ୍ଷଙ୍କୁ ଗିରଫ କରିଥିଲା ।

# ହୀରାକୁଦକୁ ଆସିବ ପର୍ଯ୍ୟଟନ ସମ୍ଭାର : ପର୍ଯ୍ୟଟକ ପାଇବେ ସ୍କୁବା ଡାଇଭିଂ, ପାରାଗ୍ଲାଇଡିଂ, ପାରା ସେଲିଂର ମଜା

**ସମ୍ବଲପୁର, ୧୭/୦୭ ନ୍ୟୁଜ ବ୍ୟୁରୋ**


ହୀରାକୁଦକୁ ପର୍ଯ୍ୟଟକଙ୍କ ଦୃଷ୍ଟିକୁ ଅଧିକରୁ ଅଧିକ ଆଣିବାକୁ 'ଏରାଇଭାଲ୍ ପ୍ଲାଜା ପ୍ରୋଜେକ୍ଟ' ପାଇଁ ବିଚାର କରୁଛନ୍ତି ରାଜ୍ୟ ସରକାର । ଏଥିପାଇଁ ଦୁଇଟି ପ୍ରକଳ୍ପ ନିମନ୍ତେ ଟେଣ୍ଡର ଡାକରା ହୋଇଛି ବୋଲି ସୂଚନା ଦେଇଛନ୍ତି ସମ୍ବଲପୁର ଜିଲ୍ଲାପାଳ । ଫଳରେ ହୀରାକୁଦ ପର୍ଯ୍ୟଟକମାନଙ୍କ ପାଇଁ ଅପାର ସମ୍ଭାର ଆଣିବ ବୋଲି କହିଛନ୍ତି ଜିଲ୍ଲାପାଳ । ହୀରାକୁଦର ପ୍ରାକୃତିକ ଶୋଭା ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ । ହୀରାକୁଦର ନୀଳ ଜଳରାଶି, ଡେବ୍ରିଗଡ଼ର ଘଞ୍ଚ ଜଙ୍ଗଲ ହେବ ଦେଶ ତଥା ବିଶ୍ୱର ଅନନ୍ୟ ଟୁରିଜିମ୍ ହବ୍ । ଏଥିପାଇଁ କାମ ଆରମ୍ଭ ହୋଇଛି । ହୀରାକୁଦ ମାଷ୍ଟର ପ୍ଲାନ୍ ସହ ଅନ୍ୟ କେତେକ ନିର୍ମାଣ ପାଇଁ ଟେଣ୍ଡର ମଧ୍ୟ ଡକରା ସରିଛି । ଏଠାରେ ହୋଟେଲ ସହ ରିସର୍ଟ ନିର୍ମାଣ ପାଇଁ ବଡ଼ ବଡ଼ କମ୍ପାନୀଗୁଡ଼ିକୁ ଜମି ଯୋଗାଇଦେବାକୁ ଆରମ୍ଭ ହୋଇଛି ଜମି ଚିହ୍ନଟ କାମ । ବୁର୍ଲା , ଦୁର୍ଗପାଲି, ଲରଭଙ୍ଗା ଅଞ୍ଚଳ ବୁଲି ଦେଖିଛନ୍ତି ଦାୟିତ୍ୱରେ ଥିବା କମିଟି ମେମ୍ବର୍ସ । ହୀରାକୁଦ ମାଷ୍ଟର ପ୍ଲାନକୁ ସାକାର କରିବାକୁ ଉଭୟ ଜିଲ୍ଲା ପ୍ରଶାସନ ଓ ସରକାର ଲାଗିପଡ଼ିଥିବା କହିଛନ୍ତି ଜିଲ୍ଲାପାଳ । ଏରାଇଭାଲ ପ୍ଲାଜା ପ୍ରୋଜେକ୍ଟ ପାଇଁ ଏଣ୍ଟ୍ରି ଗେଟ୍, ପାର୍କିଂ ସୁବିଧା, ଫୁଡ୍ କୋର୍ଟ ରହିବ । ଲୋକଙ୍କ ପାଇଁ ପାନୀୟ ଜଳ ସୁବିଧା ଉପଲବ୍ଧ ହେବ । ଡ୍ୟାମ୍ ମ୍ୟୁଜିୟମ୍ ପାଇଁ ଟେଣ୍ଡର କରାଯାଇଛି । ହୀରାକୁଦରେ ପର୍ଯ୍ୟଟକଙ୍କ ପାଇଁ ସ୍କୁବା ଡାଇଭିଂ, ପାରାଗ୍ଲାଇଡିଂ, ପାରା ସେଲିଂର ବ୍ୟବସ୍ଥା କରାଯିବ । ଖାଲି ଏତିକି ନୁହେଁ ବନ୍ୟପ୍ରାଣୀ, ଆର୍ଦ୍ରଭୂମି, ଏବଂ ଜଳସମ୍ପଦରେ ପରିପୂର୍ଣ୍ଣ ସମ୍ବଲପୁର ପାଇଁ ପ୍ରସ୍ତୁତ ହେଉଥିବା ମାଷ୍ଟରପ୍ଲାନ୍ ପର୍ଯ୍ୟଟନ ପାଇଁ ଭୂସ୍ୱର୍ଗ ପାଲଟିବ ବୋଲି କୁହାଯାଉଛି ।



# ଡେବ୍ରିଗଡ଼ ଅଭୟାରଣ୍ୟରେ ନୂଆ ଅତିଥି, ଯୋଡ଼ା ବଳିଆ କୁକୁର ଠାବ

**ସମ୍ବଲପୁର, ୧୭/୦୭ ନ୍ୟୁଜ ବ୍ୟୁରୋ**

ଡେବ୍ରିଗଡ଼ ଅଭୟାରଣ୍ୟରେ ନୂଆ ଅତିଥି । ଏକ ଦଶନ୍ଧି ପରେ ଦେଖିବାକୁ ମିଳିଛି ବିରଳ ପ୍ରଜାତିର ବଳିଆ (ବଣୁଆ) କୁକୁର । ଅଭୟାରଣ୍ୟ ଭିତରେ ଯୋଡ଼ି ଅବସ୍ଥାରେ ବୁଲୁଥିବା ସମୟରେ ସେମାନଙ୍କୁ ଠାବ କରାଯାଇଛି । ୨୦୨୩ ଶୀତ ଋତୁରେ ଏହି ପ୍ରଜାତିର କୁକୁର ପ୍ରଥମେ ଦେଖିବାକୁ ମିଳିଥିଲା । ଏହା ପରେ ଏହାର ଦେଖାମିଳିନଥିଲା । ହେଲେ ୧୪ ତାରିଖରେ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ବଳିଆ କୁକୁର ବୁଲୁଥିବାର ବନ ବିଭାଗ କର୍ମଚାରୀ ଠାବ କରିଛନ୍ତି । ଏହା ଏକ ଦୁର୍ଲଭ ପ୍ରଜାତି ହୋଇଥିବାରୁ ସୁରକ୍ଷା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ କହିଛନ୍ତି । ଛତିଶଗଡ଼ ଓ ମଧ୍ୟପ୍ରଦେଶର ଜଙ୍ଗଲ ସହ ଡେବ୍ରିଗଡ଼ ଅଭୟାରଣ୍ୟ ଲାଗି ରହିଛି । ଏହାସହ ସାତକୋଶିଆ ଓ ଶିମିଳିପାଳ ବି ଲାଗିଛି । ଏହି ସ୍ଥାନ ମଧ୍ୟରୁ ଏମାନେ ଆସିଥାଇ ପାରନ୍ତି । କିନ୍ତୁ କେଉଁଠୁ ଆସିଛନ୍ତି ସେନେଇ ସଠିକ୍ ସୂଚନା ନାହିଁ । ଡେବ୍ରିଗଡ଼ ଅଭୟାରାଣ୍ୟ ଭିତରେ ପ୍ରଥମ ଥର ୨୦୨୩ରେ ଏଭଳି ଏକ ବଳିଆ କୁକୁରକୁ ଠାବ କରାଯାଇଥିଲା । କିନ୍ତୁ ଏହା ଗୋଟିଏ ହୋଇଥିବାରୁ ଏହାର



ବଂଶ ବୃଦ୍ଧିକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା । ହେଲେ ଏହି ଯୋଡ଼ିକୁ ପୁଣି ଥରେ ଠାବ କରାଯିବା ପରେ ଏମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏମାନେ ସାଧାରଣତଃ ୩୦ରୁ ୪୦ ବର୍ଗ କିଲୋମିଟର ମଧ୍ୟରେ ରହୁଥିଲେ । କିନ୍ତୁ ଏବେ ଗୋଟିଏ ଜୋନ୍‌ରୁ ଅନ୍ୟ ଜୋନ୍‌କୁ ଯିବା ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଯୋଡ଼ି ଭାବେ ୨ ବଳିଆ କୁକୁରକୁ ଦେଖିବା ପରେ ଏମାନଙ୍କ ବଂଶ ବୃଦ୍ଧିର ସମ୍ଭାବନା ରହିଛି । ଏମାନଙ୍କ ଖାଦ୍ୟ ପାଇଁ ଡେବ୍ରିଗଡ଼ ମଧ୍ୟରେ ସୁସ୍ଥ ପରିବେଶ ରହିଛି । ପ୍ରଚୁର ପରିମାଣରେ ସମ୍ବର, କୁଟୁରା, ଚିତ୍ରା ହରିଣ, ବାର୍‌ହା ରହିଛନ୍ତି । ଫଳରେ ଏମାନଙ୍କୁ ଶିକାର କରି ଖାଦ୍ୟ ଭାବେ ଗ୍ରହଣ କରିପାରିବେ ବୋଲି ଡିଏଫ୍‌ଓ ଶ୍ରୀ ଦାସ ସୂଚନା ଦେଇଛନ୍ତି । ଅନ୍ୟପ୍ରାଣୀଙ୍କ ମଧ୍ୟରେ ୩ଟି ବଣୁଆ କୁକୁର, ଗୋଟିଏ ଗଧିଆ, ବହୁ ସଂଖ୍ୟକ ହେଟାବାଘ ସହ ୮୦ରୁ ଅଧିକ କଲରାପତରିଆ ଡେବ୍ରିଗଡ଼ରେ ରହିଛନ୍ତି । ବଣୁଆ କୁକୁର ମାନେ ପ୍ରାୟତଃ ଦଳବଦ୍ଧ ହୋଇ ରହୁଥିବାରୁ ଏମାନଙ୍କ ବଂଶବୃଦ୍ଧିର ସମ୍ଭାବନା ରହିଛି । ଗୋଟିଏ ଦଳରେ ୭ରୁ ୮ଟି ବଳିଆ କୁକୁର ରୁହନ୍ତି । ଏହି କୁକୁର ଦଳବଦ୍ଧ ଭାବେ ଆକ୍ରମଣ କରି ଶିକାର କରିଥା'ନ୍ତି । ହେଲେ ଏମାନଙ୍କୁ ରୋଗ ବ୍ୟାପୀବାର ସମ୍ଭାବନା ବହୁତ ଥାଏ । ଅଭୟାରଣ୍ୟର ଆଖପାଖ ଗାଁ କୁକୁର ଜଙ୍ଗଲ ଭିତରକୁ ଅନେକ ସମୟରେ ପ୍ରବେଶ କରନ୍ତି । ତେଣୁ ସେମାନଙ୍କଠାରୁ ଏହି ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଛି । ତେଣୁ ସେମାନଙ୍କ ସୁରକ୍ଷା ପାଇଁ ଅଭୟାରଣ୍ୟର ଆଖୋପାଖ ଗାଁର ୨୦୦୦ କୁକୁରଙ୍କୁ ଟିକାକରଣ କରାଯିବ ବୋଲି ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି ।

ଆବଶ୍ୟକ ! ଆବଶ୍ୟକ ! ଆବଶ୍ୟକ !
କଟକ ପାଇଁ "ସମ୍ବାଦ କଳିକା" ଏବଂ
"ଉତ୍କଳ ଦୀପିକା'ର ପ୍ରତିନିଧି ଆବଶ୍ୟକ ।
୪୬୪, ସହିଦନଗର, ଭୁବନେଶ୍ୱର
ଯୋଗାଯୋଗ ନମ୍ବର-୯୧୭୮୧୮୩୮୨୧